## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ରାଉରକେଲା, ୨୫।୧୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅଧୀନରେ ସୋମବାର ନୂଆଗାଁ ବ୍ଲକର ଉରମେଇ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ଦିଆଯାଇଥିବା ଉରମେଇ ଏସଡିଏ ଚର୍ଚ୍ଚର ଉଦଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ବ୍ଲକ ବିଜେଡି ସଭାପତି ଦିଗମ୍ବର ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଜନ୍ମେଜୟ ପଣ୍ଡା, ମହେନ୍ଦ୍ର ଗୋୱାଲା, ଖୋଗେଶ୍ୱର ପଣ୍ଡା, ରାମେଶ୍ୱର ଭଇସାଲ, ବିନୋଦ ଜାତେ, ରବି ପଣ୍ଡା, ମନୋଜ ସାହୁ, ଇବ୍ରାହିମ ଆନସାରୀ, ବୁଧୁଆ ଓରାମ, ରାଜେଶ ବଡ଼ାଇକ, ଜନ ବାର୍ଲା, ମୁବାରକ ଆନସାରୀ, ହିମାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ମହୁଲି ଜବତ; ୨ ଗିରଫ

**ରାଉରକେଲା, ୨୫।୧୨(ସମିସ):** ବେଆଇନ ମହୁଲି ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ଧରିବାରେ ସକ୍ଷମ ହୋଇଛି। ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ରା ଥାନା ଅନ୍ତର୍ଗତ ଅଙ୍କୁରପାଲିର ଧନସିଂ ସାହୁ ଓ ଚଇତି ସାହୁ। ଏମାନଙ୍କଠାରୁ ଗୋଟିଏ ବାଇକ ଓ ୬୫ ଲିଟର ମଦ ଜବତ କରାଯାଇଛି। ବିଭାଗର ସୂଚନା ମୁତାବକ, ସୋମବାର ଉକ୍ତ ଥାନା ଅଞ୍ଚଳରେ ଏକ ଟିମ୍ ପାଟ୍ରୋଲିଂ କରିଥିଲା। ସେହି ସମୟରେ ଅଭିଯୁକ୍ତ ଦ୍ୱୟ ଏକ ବାଇକ ଯୋଗେ ମଦ ନେଇ ଯାଉଥିବା ବେଳେ ଧରାପଡ଼ିଥିଲେ। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୬ ହଜାର ୫୦୦ ଟଙ୍କା ହେବ ବୋଲି କୁହାଯାଇଛି।

## ରାଜ୍ୟ ଶକ୍ତି ବାହିନୀ ପକ୍ଷରୁ ପଣ୍ଡିତ ମହାସଭା ଓ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା

# 'ବ୍ରାହ୍ମଣମାନେ ହେଉଛନ୍ତି ସମାଜର ଦିଗ୍‌ଦର୍ଶକ'

**ରାଉରକେଲା, ୨୫।୧୨(ସମିସ)**



ସୁସ୍ଥ ଭାରତ ଗଠନରେ ବ୍ରାହ୍ମଣମାନଙ୍କ ଅବଦାନ ଅତୁଳନୀୟ। ସେମାନେ ଦେଶ ପାଇଁ ସମର୍ପିତ। ସନାତନ ଧର୍ମ ବିଚାରଧାରାରେ ସର୍ବେ ସୁଖିନଃ ଭବନ୍ତୁ ହିଁ ସତ୍ୟ ଅଟେ। ବ୍ରାହ୍ମଣମାନେ ମନରେ ଶୁଦ୍ଧ ଆଚରଣ, ଉତ୍ତମ ବିଚାରଧାରା, ସଂସ୍କାରିତ ମନୋଭାବ ଏବଂ ସକାରାତ୍ମକ ନୀତିରେ କାର୍ଯ୍ୟ କରିବାର ସଂକଳ୍ପ ରଖିଥାନ୍ତି ବୋଲି ପଣ୍ଡିତ ମହାସଭାରେ ପଣ୍ଡିତମାନେ ମତପୋଷଣ କରିଛନ୍ତି।

ସ୍ଥାନୀୟ ହରିୟାଣା ଭବନ ପରିସରରେ ରାଜ୍ୟ ଶକ୍ତି ବାହିନୀ ଓ ବିପ୍ର ସେନା ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ପିର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ବିମଳ କୁମାର ବିଶି, ସମ୍ମାନିତ ଅତିଥି ଭାବେ ବେଦବ୍ୟାସ ପୀଠର ପ୍ରଚାରକ ବଦ୍ରିନାରାୟଣ ପାଢ଼ୀ, ପୁରୀ ଶ୍ରୀକ୍ଷେତ୍ର ପଣ୍ଡିତ ଗୁରୁଚରଣ ଦାଶ, ପଣ୍ଡିତ ହରିଶଙ୍କର ମିଶ୍ର, ପଣ୍ଡିତ ସନ୍ତୋଷ କୁମାର ଶତପଥୀ, ପଣ୍ଡିତ ରଞ୍ଜିତ କୁମାର ତ୍ରିପାଠୀ, ହାଇଦରାବାଦ ବ୍ରାହ୍ମଣ ମହାସଭାର କୋଷାଧ୍ୟକ୍ଷ ଏସ୍‌ଏସ ହରିହରଣ, ସମସଜସେବୀ ଅଶ୍ୱିନୀ କୁମାର ପାତ୍ର ଏବଂ ରାଉରକେଲା ବ୍ରାହ୍ମଣ ମହାସଭା ସମ୍ପାଦକ ଜ୍ୟେତିର୍ମୟ ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଓ ସାଧୁସନ୍ଥମାନଙ୍କୁ ପରମ୍ପାରିକ ରୀତିରେ ସ୍ୱାଗତ କରାଯାଇଥିଲା। ରାଉରକେଲା ବ୍ରାହ୍ମଣ ମହାସଭା କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପଣ୍ଡିତ ମହାସଭାର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଶକ୍ତି ବାହିନୀ ସର୍ବଦା ନିଆରା କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କ ଦ୍ୱାରା ସର୍ବଦା ଆଦୃତ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜ୍ୟ ସମ୍ପାଦିକା ଶ୍ରଦ୍ଧା ଷଡ଼ଙ୍ଗୀ କହିଲେ, ଦେଶର ମହାନ ପଣ୍ଡିତମାନଙ୍କ ଆବିର୍ଭାବ ଆମ ଚିନ୍ତାଧାରକୁ ଦ୍ୱିଗଣିତ କରିଛି। ଆଗାମୀ ଦିନରେ ସମାଜର ସୁରକ୍ଷା ଉପରେ ଅନେକ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ପଣ୍ଡିତ ଦାଶ କହିଲେ, ଆମ ଚିନ୍ତାଧାରା ବିଶ୍ୱସନୀୟ ହେବା ସହ ସମାଜର ହିତ ପାଇଁ ମୁଖ୍ୟ ଅସ୍ତ୍ର ହେବା ଆବଶ୍ୟକ। ପଣ୍ଡିତ ଶତପଥୀ କହିଲେ, ବ୍ରାହ୍ମଣମାନେ ଶକ୍ତିର ଆଧାର। ସେମାନଙ୍କୁ ହେୟ ମନେକରିବା ଉଚିତ ନୁହେଁ। ଆମ ପୂର୍ବଜମାନଙ୍କ ଇତିହାସରୁ ଜଣାପଡ଼େ ସମାଜର ହିତାକାଂକ୍ଷୀ ଭାବେ ସର୍ବଦା ବ୍ରାହ୍ମଣମାନଙ୍କ ଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପଣ୍ଡିତ ତ୍ରିପାଠୀ ଓ ମିଶ୍ର ନିଜ ବକ୍ତବ୍ୟରେ କହିଲେ, ଆଜିର ସମାଜକୁ ଯୁଗୋପଯୋଗୀ ହେବାକୁ ହେଲେ ନିଜ ପ୍ରତିଭାର ସଦୁପଯୋଗ ଏବଂ ନିଜକୁ ସମାଜପାଇଁ ସମର୍ପିତ ମନୋଭାବ ରଖିଲେ ସମାଜର ସ୍ଥିତିରେ ପରିବର୍ତ୍ତନ ହୋଇପାରେ ବୋଲି କହିଥିଲେ। ମୁଖ୍ୟଅତିଥି ବିଶି କହିଲେ, ଦେଶରେ ଜ୍ଞାନୀ, ଗୁଣୀ ଓ ତପସ୍ୱୀଙ୍କ ଅଭାବ ନାହିଁ। ଏବେ ମଧ୍ୟ ସେମାନେ ନିଜ ବିଚାରଧାରାରେ କାର୍ଯ୍ୟରତ। ବ୍ରାହ୍ମଣମାନେ ଦେଶର ବିଶିଷ୍ଟ ଚିନ୍ତନ ବ୍ୟକ୍ତି। ସେମାନେ ଶୁଦ୍ଧ ବାକ୍ୟରେ ଜନମାନସର ମଙ୍ଗଳକାମନା କରନ୍ତି ବୋଲି କହିଥିଲେ। ଦେଶର ମଙ୍ଗଳ କାମନାରେ ବ୍ରାହ୍ମଣ ହିଁ ସମର୍ପିତ ବୋଲି ପ୍ରକାଶ କରିଥିଲେ। ହରିଶରଣ ନିଜ ବକ୍ତବ୍ୟରେ କହିଲେ, ବିଶ୍ୱର କଲ୍ୟାଣରେ ବ୍ରାହ୍ମଣମାନଙ୍କ ଚିନ୍ତାଧାର ଅତୁଳନୀୟ। କିନ୍ତୁ ସରକାରଙ୍କ ପ୍ରତିକୂଳ ଚିନ୍ତାଧାରା ଯୋଗୁଁ ଆମେ କର୍ତ୍ତବ୍ୟପଥରୁ ବିଚ୍ୟୁତ ହେଉଛୁ। ତେଣୁ ଆମକୁ ସାହସର ସହ ଦେଶ ଏବଂ ସଂସାରର ହିତ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦୀପ କୁମାର ପଟ୍ଟନାୟକ, ବୈଲୋଚନ ସାହୁ, ବି. ରାଜୁ, ରବୀନ୍ଦ୍ରନାଥ ମଲ୍ଲିକଙ୍କ ସହ ୨୦ ଜଣ ବରିଷ୍ଠ ନାଗରିକ ଓ ୬ ଜଣ ସାମ୍ବାଦିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିପ୍ର ସେନା ସଭାପତି ସୁରେଶ ଶର୍ମା କାର୍ଯ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରି ଆଗାମୀ ବର୍ଷ ପଣ୍ଡିତ ମହାସଭା ଯୁଗାନ୍ତକାରୀ ହେବ ବୋଲି କହିଥିଲେ। ସମାଜସେବୀ ବିନୋଦ ରାଉତ ଓ ବାପି ପଣ୍ଡା ସହଯୋଗ କରିଥିଲେ। ଶେଷରେ ବ୍ରାହ୍ମଣ ମହାସଭା ସମ୍ପାଦକ ଜ୍ୟୋତିର୍ମୟ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ରାଉରକେଲା, ୨୫।୧୨(ସମିସ):** ଶିଶୁଟିଏ ପରିବାରେ ଜନ୍ମହେବା ପରେ ସେ ପରିବାର ଭିତରେ ଲାଳନପାଳନ ହୋଇ ଛୋଟରୁ ବଡ଼ହୁଏ। ଶିଶୁକୁ ପ୍ରଥମ ଗୁରୁ ଭାବରେ ମା'ବାପା ଅନେକ କିଛି ଶିକ୍ଷା ଦେଇଥାଆନ୍ତି। ପର୍ଯ୍ୟାୟ କ୍ରମେ ଶିଶୁ ବଡ଼ହେଲା ପରେ ତା'ର ସ୍କୁଲ ଜୀବନ ଆରମ୍ଭ ହୋଇଥାଏ। ସ୍କୁଲର ଶିକ୍ଷକ ଦ୍ୱିତୀୟ ଗୁରୁ ଭାବରେ ଶିକ୍ଷାଦାନ କରିଥାଆନ୍ତି।



ସ୍କୁଲ ଶିକ୍ଷା ପ୍ରାରମ୍ଭରେ ପୌରାଣିକ ଗଳ୍ପ, ପୁରୁଣା ସଂସ୍କୃତି, ପର୍ବପର୍ବାଣି ଭଳି ଅନେକ ବିଷୟ ଉପରେ ଶିକ୍ଷକ ଶିଶୁକୁ ଶିକ୍ଷାଦାନ କରି ସ୍କୁଲରେ ତାକୁ ବାନ୍ଧିରଖେ। ଏହାଦ୍ୱାରା ଶିଶୁର ଆଧ୍ୟାତ୍ମିକ ଚିନ୍ତାଧାରା ବିକଶିତ ହୋଇଥାଏ ଏବଂ ଏ ଦିଗରେ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚଶିକ୍ଷା ଅନୁଷ୍ଠାନ ସର୍ବାଗ୍ରେ ରହିଛି ବୋଲି ପତ୍ରାପାଲି ନିକଟ ଚିକିଟିଆ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ବକ୍ତାମାନେ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଯୋଗଦେଇ ଶିଶୁମନ୍ଦିର ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଉତ୍ତମ ପରିବେଶ ଓ ଗୁରୁଜୀ, ଗୁରୁମାମାନଙ୍କ ଶିକ୍ଷାଦାନକୁ ପ୍ରଶଂସା କରିଥିଲେ।

ଜିଲ୍ଲା ଗୋ ସେବା ପ୍ରମୁଖ ଗୋକୁଳ ମିଞ୍ଜ ଯୋଗଦେଇ ଶିଶୁ ବିକାଶରେ ଓଡ଼ିଶା ଓ ଭାରତର ପୁରୁଣା ସଂସ୍କୃତି ଓ ପରମ୍ପରାକୁ ଶିଖିଲେ ଶିଶୁମାନଙ୍କର ଆଧ୍ୟାତ୍ମିକ ଓ ମାନସିକ ବିକାଶ ନିଶ୍ଚିତ ରୂପରେ ହୋଇପାରିବ ବୋଲି ମତ ଦେଇଥିଲେ। ସ୍କୁଲ ପ୍ରଧାନଆଚାର୍ଯ୍ୟ ରାମେଶ୍ୱର ମହାତ ସ୍କୁଲର ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏହାର ସମାଧାନ ପାଇଁ ଅଭିଭାବକ ଓ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ଧୋବା, ଯୁଗ୍ମ ସମ୍ପାଦକ ଚନ୍ଦ୍ରମଣି ବାଡ଼ା, କୋଷାଧ୍ୟକ୍ଷ ଚଇତୁ ମହାତ, ବରିଷ୍ଠ ସଦସ୍ୟ ସୁଜିତ ମହାତ, ମୁନି ଧୋବା ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟା ସୀମା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ରେବତୀ ମହାତୋ, ଶକୁନ୍ତଳା ତୁରୀ, ଆଶାରାଣୀ ଗୋୱାଲା, ସରୋଜିନୀ ହସ୍ତି, ମାଙ୍ଗିତା ଖେସ ପ୍ରମୁଖ ସହଯୋଗ କରିଥିଲେ।

ଅନୁରୂପ ଭାବରେ ନୂଆଗାଁ ବ୍ଲକ ଚୁଆଁବାହାଲ ସ୍କୁଲର ମଧ୍ୟ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ ହୋଇଯାଇଛି। ନୂଆଗାଁ ବିଇଓ ସସ୍ମିତା ବେହେରା, ଏବିଇଓ ବନମାଳୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଇଓ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ। ପ୍ରଧାନଶିକ୍ଷକ ମଙ୍ଗଳ କେରକେଟା ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଦିଲୀପ ସାହୁ, ଗଙ୍ଗାଧର ସିଂ ସହଯୋଗ କରିଥିଲେ।

# ଚାମ୍ପିଅନ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ହେମଗିରି ଚାମ୍ପିଅନ



**ସୁନ୍ଦରଗଡ଼, ୨୫।୧୨(ସମିସ):** ଟାଙ୍ଗରପାଲି ବ୍ଲକ ବର୍ତ୍ତନକେଲାଠାରେ ଚାଲିଥିବା ଚାମ୍ପିଅନ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଛି। ଏଥିରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ହେମଗିରି ଏବଂ ବର୍ତ୍ତନକେଲା ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ହେମଗିରି ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ ସିଂହ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଜ୍ଜ୍ୱଳପୁର ସରପଞ୍ଚ ଚିତ୍ରାଙ୍ଗଦା ଘଡ଼ାଇ, ନିତ୍ୟାନନ୍ଦ ପଟେଲ, ଶୋଭନ ଦାଶ, ସଞ୍ଜୀବନୀ ଜୟପୁରିଆ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫ୍ ସହ ୧୭ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ହରେଶ ପଟେଲ ଏବଂ ବିକାଶ ମାକର ଖେଳ ପରିଚାଳନା କରିଥିବା ବେଳେ ଅମନ ପଟେଲ, ତାପସ ରଞ୍ଜନ ଜେନା, କିରନ ଭୋଇ, ପ୍ରବୀଣ ଭୋଏ, ନାରାୟଣ ମାଝୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

# ଅପହୃତ ନାବାଳିକା ପୁରୀରୁ ଉଦ୍ଧାର; ଯୁବକ ଗିରଫ

**ବ୍ରହ୍ମପୁର, ୨୫।୧୨(ସମିସ):** ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବଡ଼ବଜାର ଅଞ୍ଚଳର ଆକାଶ ସେଠୀ(୨୦)। ସୂଚନାଯୋଗ୍ୟ ଯେ, ବଡ଼ବଜାର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ବଡବଜାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ନାବାଳିକାଙ୍କୁ ଆକାଶ ସେଠୀ ନାମକ ଜଣେ ଯୁବକ ଅପହରଣ କରିନେଇଥିବା ଜଣାପଡ଼ିଥିଲା। ସେହିକ୍ରମରେ ପୁଲିସର ଏକ ଟିମ ଆକାଶଙ୍କ ମୋବାଇଲକୁ ଟ୍ରାକିଂ କରି ତାର ସହ ଗତିବିଧି ଉପରେ ନଜର ରଖିଥିଲା। ଟ୍ରାକିଂ ବେଳେ ଆକାଶ ପୁରୀରେ ଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ପୁଲିସ ଟିମ ପୁରୀରେ ପହଞ୍ଚି ଏକ ହୋଟେଲରୁ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଆକାଶକୁ କାବୁ କରିଥିଲା। ଉକ୍ତ ହୋଟେଲରେ ଆକାଶ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ପୁଲିସ ପିଡ଼ିତାଙ୍କ ବୟାନ ରେକର୍ଡ଼ କରିବା ସହ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିବା ପୁଲିସ କହିଛି।

# ବଡ଼ଦିନରେ ଉତ୍ସବମୁଖର ଚର୍ଚ୍ଚ

**ବ୍ରହ୍ମପୁର, ୨୫।୧୨(ସମିସ):** ସହରର ସମସ୍ତ ବଡ଼ ଓ ଛୋଟ ଚର୍ଚ୍ଚ ମାନଙ୍କରେ ମହା ସମାରୋହରେ ଖ୍ରୀଷ୍ଟ ଜୟନ୍ତୀ ବା ବଡ଼ଦିନ ପାଳିତ ହୋଇଯାଇଛି। ଏଥିଲାଗି ଚାରିଆଡ଼େ ଉତ୍ସାହ ଦେଖାଦେଇଛି। ଚର୍ଚ୍ଚ ଗୁଡ଼ିକ ଆଧ୍ୟାତ୍ମିକ ପରିବେଶ ସହିତ ଉତ୍ସବମୁଖର ହୋଇଛି। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ଥିବା ବଡ଼ ଚର୍ଚ୍ଚଠାରେ ଗତକାଲି ବିଶପ ଡ଼ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ରାତି ୧୧.୩୦ରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସମସ୍ତେ ସାମୁହିକ ଭାବେ ପ୍ରାର୍ଥନା ମଧ୍ୟ କରିଥିଲେ। ଜଣେ ଅନ୍ୟଜଣଙ୍କୁ ଖ୍ରୀଷ୍ଟଜୟନ୍ତୀର ଶୁଭେଚ୍ଛା ମଧ୍ୟ ଜ୍ଞାପନ କରିଥିଲେ। ସେହିଭଳି ସକାଳ ୮ବେଳେ ମଧ୍ୟ ପୂଜା ବା ମାସ ହୋଇଥିଲା। ଏଥିରେ ସମସ୍ତ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ଜଗତ ମଙ୍ଗଳ ପାଇଁ ଯିଶୁଙ୍କୁ ପ୍ରାର୍ଥନା କରିଥିଲେ। ଖ୍ରୀଷ୍ଟ ଜୟନ୍ତୀ ଅବସରରେ ସମସ୍ତ ଚର୍ଚ୍ଚ ଗୁଡ଼ିକରେ ସାଜସଜ୍ଜାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଖ୍ରୀଷ୍ଟ ଭାଇ ଓ ଭଉଣୀମାନେ ଚର୍ଚ୍ଚକୁ ଯାଇ ଯିଶୁଙ୍କୁ ପ୍ରାର୍ଥନା କରିଛନ୍ତି। ଜଣେ ଆଉ ଜଣଙ୍କୁ ଏହି ଦିବସର ଶୁଭେଚ୍ଛା ଜଣାଇବା ସହିତ ମିଠା ଆଦାନ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ବ୍ରହ୍ମପୁର ସହରରେ ୧୫ରୁ ଊର୍ଦ୍ଧ୍ୱ ଚର୍ଚ୍ଚ ରହିଥିବା ବେଳେ ସବୁଠାରେ ଆଲୋକସଜ୍ଜାକୁ ଗୁରୁତ୍ୱ ଦିଆଯିବା ସହ ଯିଶୁଙ୍କ ଆଗମନକୁ ଧୁମଧାମରେ ପାଳନ କରାଯାଇଛି।



# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା; ଯୁବକ ଗିରଫ

**ବ୍ରହ୍ମପୁର, ୨୫।୧୨(ସମିସ):** ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିବା ଅଭିଯୋଗରେ ସୋମବାର ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଠି ଗ୍ରାମର ଗଣେଷ ଦାସ(୨୦। ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରିବା ସହ ଉଭୟଙ୍କର ଡାକ୍ତରୀ ମାଇନା କରିଥିବା ପୁଲିସ କହିଛି। ସଦର ଥାନା ଏସଆଇ ତଥା ଏହି ମାମଲାର ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ପ୍ରଧାନ ସୋମବାର ସନ୍ଧ୍ୟାରେ କୋର୍ଟକୁ ପିଡିତା ଓ ଅଭିଯୁକ୍ତଙ୍କୁ ନେଇଆସିଥିଲେ। ପୋକସୋ କୋର୍ଟ ନିକଟରେ ଥିବା ଏକ ନିଶୁଣି ପଡ଼ିଯିବା ଫଳରେ ତଦନ୍ତକାରୀ ସବ୍ ଇନ୍ସପେକ୍ଟର ମଧୁସ୍ମିତା ପ୍ରଧାନ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣା ସ୍ଥଳରେ ଉପସ୍ଥିତ ଥିବା ଅନ୍ୟପୁଲିସ କର୍ମଚାରୀମାନେ ଏସଆଇ ମଧୁସ୍ମିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତୁରନ୍ତ ବଡ ମେଡ଼ିକାଲ ନେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ଘରୁ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ଶେଷରେ ପରିବାର ଲୋକେ ଗଣେଷ ଦାସ ନାମକ ଜଣେ ଯୁବକ ନାବାଳିକା ଝିଅକୁ ଅପହରଣ କରି ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏବଂ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗଣେଷକୁ ଗିରଫ କରିଥିଲା। ନାବାଳିକାଙ୍କୁ ଅପହରଣ କରି ନେବା ପରେ ଗଣେଷ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ଘଟଣାରେ ପୁଲିସ ଅପହରଣ ଓ ଦୁଷ୍କର୍ମ ଭଳି ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଣେଷକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

**ମାନୁନାହାନ୍ତି କଟକଣା**

# ସହରରେ ବେଧଡ଼କ ଚାଲିଛି ପଲିଥିନ କାରବାର



- ବଜାରରେ ନିୟମିତ ହେଉନି ଚଢ଼ଉ
- ଗୋରୁଗାଈଙ୍କ ପାଇଁ କାଳ ସାଜିଛି ପଲିଥିନ

**ବ୍ରହ୍ମପୁର, ୨୫।୧୨(ସମିସ):** କଟକଣା ସତ୍ତ୍ୱେ ବ୍ରହ୍ମପୁରରେ ବେଧଡକ ଚାଲିଛି ପଲିଥିନ କାରବାର। ବିନା ପଲିଥିନରେ ବ୍ୟବସାୟ ହେଉନି। ଏମିତି ବାହାନା କରି ପଲିଥିନର ବହୁଳ ବ୍ୟବହାର ଚାଲିଛି। ଅବଶ୍ୟ ବିଭିନ୍ନ ସମୟରେ ପଲିଥିନକୁ ନେଇ ଚଢାଉ କରାଯାଉଛି ଓ ଜରିମାନା ଆଦାୟ ମଧ୍ୟ ହେଉଛି। ତେବେ ତାହା ନିୟମିତ ବ୍ୟବଧାନରେ ହେଉନଥିବା ବେଳେ ଧର୍ମକୁ ଆଖି ଠାର ସଦୃଶ ଚଢଉ ହେଉଥିବା ଅଭିଯୋଗ ହେଉଛି। ବହୁ ସଚେତନତା ପରେ ମଧ୍ୟ ପଲିଥିନର ବହୁଳ ବ୍ୟବହାର ଚିନ୍ତାର କାରଣ ହୋଇଛି। ସାଧାରଣ ଖାଉଟି ହେଉ ଅଥବା ବ୍ୟବସାୟୀ ସମସ୍ତେ କଟକଣାକୁ ଖିଲାପ କରି ଖୋଲାଖୋଲି ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସହରର ବଡବଜାର, ସାନବଜାର, ଗିରି ମାର୍କେଟ, ବୈକୁଣ୍ଠ ନଗର, କମାପଲ୍ଲୀ ନିକଟ ପରିବା ମାର୍କେଟରେ ପଲିଥିନର ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଉଠାଦୋକାନୀ ଏବଂ ହୋଟେଲ ଗୁଡିକରେ ମଧ୍ୟ ପଲିଥିନ ବ୍ୟବହାର ହେଉଛି। ସବୁଠାରୁ ବଡକଥା ହେଲା ପଲିଥିନ ବ୍ୟବହାର ପରେ ତାହାକୁ ବାହାରେ ଏଣେତେଣେ ଫୋପାଡି ଦେବା ଫଳରେ ତାହାକୁ ଖାଇ ଗୋରୁଗାଇ ଅନେକ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଅନ୍ୟପକ୍ଷରେ ପଲିଥିନ ବ୍ୟାଗ୍, ପାଣି ବୋତଲ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି। ଯାହାକୁ ଦୃଷ୍ଟିରେ ରଖି ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ରୋକ ଲଗାଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶନାମା ବ୍ରହ୍ମପୁର ସହରରେ ପ୍ରହସନ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳି ପରିସ୍ଥିତିରେ ବ୍ୟାପକ ସଚେତନତା ସୃଷ୍ଟି ସହ ନିୟମିତ ଚଢଉ ଓ ଖିଲାପିଙ୍କ ବିରୋଧରେ ଦୃଢ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହା ସଫଳ ରୂପାୟନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**● ବାଇକ୍‌କୁ ଧକ୍କାଦେଲା ଟ୍ରକ୍**

# ମହିଳା ମୃତ, ଭାଇ ଗୁରୁତର

**ସୁନ୍ଦରଗଡ଼, ୨୫।୧୨(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା କରମଡିହି ନିକଟରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଟ୍ରକ ପଛପଟୁ ଧକ୍କାଦେବାରୁ ବାଇକ ଆରୋହୀ ଧରୁଆଡିହି ଥାନା ଅନ୍ତର୍ଗତ ବିଜାଡିହି ଗ୍ରାମର ଲିଙ୍ଗରାଜ ବେହେରା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଭଉଣୀ ରୀନା ସାଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ହେବ। ସେହିପରି ଲିଙ୍ଗରାଜଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

# ବାପାଙ୍କୁ କୋଦାଳରେ ହାଣି ହତ୍ୟା ଉଦ୍ୟମ

**● ପୁଅ ଥାନାରେ ଅଟକ**

**ସୁନ୍ଦରଗଡ଼, ୨୫।୧୨(ସମିସ):** କିଞ୍ଜିରକେଲା ଥାନା ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମର ଜଣେ ଯୁବକ ସୋମବାର ଅପରାହ୍ନରେ ତାଙ୍କ ବାପାଙ୍କୁ କୋଦାଳରେ ହାଣି ହତ୍ୟା ଉଦ୍ୟମ କରିଛନ୍ତି। ଗ୍ରାମର ଲଳିନ୍ଦ୍ର ରୋହିଦାସଙ୍କ ପୁଅ ସୁବ୍ରତ ରୋହିଦାସ ଜଣେ ପଥଭ୍ରଷ୍ଟ ଯୁବକ ଅଟନ୍ତି। ତାଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ପତ୍ନୀ ବାପଘରକୁ ଚାଲିଯାଇଛନ୍ତି। ଏହା ପରେ ବି ତାଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଘଟିନାହିଁ। ବିଭିନ୍ନ ସମୟରେ ସୁବ୍ରତ ତାଙ୍କ ବାପାଙ୍କ ସହ ଝଗଡ଼ା କରିଆସୁଥିବା ବେଳେ ସୋମବାର କୋଦାଳରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ଲଳିନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ପଠାଇଛନ୍ତି। ସ୍ଥାନୀୟ ୱାର୍ଡ ସଭ୍ୟ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ସୁବ୍ରତଙ୍କୁ ଥାନାରେ ଅଟକ ରଖିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ଆନନ୍ଦଉଲ୍ଲାସରେ ଖ୍ରୀଷ୍ଟମାସ ପାଳିତ







**ରାଉରକେଲା,୨୫ ।୧୨(ସମିସ):**

ବଡ଼ଦିନ ପାଇଁ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ଉତ୍ସବମୁଖର। ରବିବାର ବିଳମ୍ବିତ ରାତିରେ ଭଗବାନ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ପରେ ଜିଲ୍ଲାର ପୁରପଲ୍ଲୀରେ ଥିବା ସମସ୍ତ ଛୋଟବଡ଼ ଗୀର୍ଜା ଗୃହ ଆଧ୍ୟାତ୍ମିକ ପରିବେଶରେ ଗୁଞ୍ଜରିତ ହୋଇଛି। ଏକ ଆଧ୍ୟାତ୍ମିକ ବାତାବରଣରେ ପାଳିତ ହୋଇଛି ମେରୀ ଖ୍ରୀଷ୍ଟମାସ୍। ଏହି ପରିପ୍ରେକ୍ଷୀରେ ରାଉରକେଲା ହମିରପୁର କ୍ୟାଥୋଲିକ ଚର୍ଚ୍ଚ ଏବଂ ଝିରପାଣି ଚର୍ଚ୍ଚରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥିଲା ଖ୍ରୀଷ୍ଟମାସ ପର୍ବ। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମଦିନକୁ ନୃତ୍ୟଗୀତ ମଧ୍ୟରେ ସ୍ୱାଗତ କରି ଉତ୍ସାହ ଉଦ୍ଦୀପନାର ସହ ପାଳନ କରିଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ସୋମବାର ସକାଳେ ମଧ୍ୟ ହମିରପୁର କ୍ୟାଥୋଲିକ ଚର୍ଚ୍ଚ ଏବଂ ଝିରପାଣି ଚର୍ଚ୍ଚରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପବିତ୍ର ବଡ଼ଦିନ ଉତ୍ସବ ପାଳନ ହୋଇଥିଲା। ଏହି କ୍ରମରେ ସମବେତ ପ୍ରାର୍ଥନା ଆୟୋଜିତ ହୋଇଥିଲା। ସବୁଠି ଆନନ୍ଦ ଆଉ ଉଦ୍ଦୀପନା। କାରଣ ଧରାବତରଣ କରି ସାରିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟ। ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲାର ସବୁ ଗୀର୍ଜାଘର ରଙ୍ଗୀନ ଆଲୋକରେ ସୁସଜ୍ଜିତ ହୋଇଥିଲା। ଭଗବାନ ଯୀଶୁଙ୍କ ଜନ୍ମ ହେବାର ଖୁସିରେ ସମସ୍ତେ ଆତ୍ମବିଭୋର। ଚର୍ଚ୍ଚରେ ସମବେତ ପ୍ରାର୍ଥନା ପରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ପରସ୍ପରକୁ ମେରୀ ଖ୍ରୀଷ୍ଟମାସ୍ କହି କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥିଲେ। ପରେ ଶ୍ରଦ୍ଧାଳୁମାନେ ଘରକୁ ଯାଇ ମଧ୍ୟ ପରିବାର ମଧ୍ୟରେ ପ୍ରାର୍ଥନା କରିଥିଲେ। ଘରେ ଖ୍ରୀଷ୍ଟମାସ ଟ୍ରି ଏବଂ ସାନ୍ତାକ୍ଲଜ୍ ରଖି ଏହି ଦିବସକୁ ପାଳନ କରିବା ସହ କେକ୍ କାଟି ଖୁସି ମନାଇଥିଲେ।

ହମିରପୁର କାଥୋଲିକ ଚର୍ଚ୍ଚ ପକ୍ଷରୁ ପବିତ୍ର ବଡ଼ଦିନ ପାଳନ ଅବସରରେ ରାଉରକେଲା କ୍ୟାଥୋଲିକ ଡାଇସିସ୍‌ର ବିଶପଙ୍କ ଦ୍ୱାରା ସମବେତ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳନ ହୋଇଥିଲା ପ୍ରଭୁ ଯୀଶୁଙ୍କ ଜନ୍ମତିଥି। ସୋମବାର ପ୍ରତ୍ୟୁଷରେ ମଧ୍ୟ ସମସ୍ତ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କଠାରେ କ୍ୟାଣ୍ଡେଲ ଜାଳିବା ସହ ଶ୍ରଦ୍ଧାଳୁମାନେ ସମୂହ ପ୍ରାର୍ଥନା କରିଥିଲେ। ସେହିପରି ରାଉରକେଲା କ୍ୟାଥୋଲିକ ଡାଇସିସ୍‌ର ସମସ୍ତ ଛୋଟବଡ଼ ଚର୍ଚ୍ଚର ଫାଦର, ପାଷ୍ଟରମାନେ ଯୋଗଦେଇ ପାରମ୍ପରିକ ପୋଷାକରେ ସମବେତ ପ୍ରାର୍ଥନା କରିଥିଲେ। ରାଉରକେଲାରେ ପ୍ରଭୁ ଯୀଶୁଙ୍କ ଜନ୍ମଦିନ ଏବଂ ବଡ଼ଦିନ ଧୁମଧାମରେ ପାଳିତ ହୋଇଛି। ସହରର ବିଭିନ୍ନ କ୍ଲବ ଏବଂ ରେସ୍ତୋରାଁରେ ମଧ୍ୟ ଏହି ଉପଲକ୍ଷେ ଭିଡ଼ ପରିଲକ୍ଷିତ ହୋଇଥିଲା। ପାନପୋଷସ୍ଥିତ ବ୍ରାହ୍ମଣୀ କ୍ଲବରେ ବଡ଼ଦିନ ପାଳିତ ହୋଇଛି। ଏହି ଅବସରରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କି ଏବଂ ବ୍ରାହ୍ମଣୀ କ୍ଲବ ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କ୍ଲବର ମହିଳା ୱିଙ୍ଗ୍ ସାଣ୍ଟା କ୍ଲଜ୍ ପିଲାମାନଙ୍କୁ ଚକୋଲେଟ୍ ଏବଂ ମିଠା ବଣ୍ଟନ କରିଥିଲେ। କ୍ଲବ୍ ପରିସରରେ ପିଲାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହିତ କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତେ ପରସ୍ପରକୁ ବଡ଼ଦିନ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ବଡ଼ଦିନରେ ରାଉରକେଲା ସହରର ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହାବ୍ୟତୀତ ବୀରମିତ୍ରପୁର, ହାତୀବାଡ଼ି, ନୂଆଁଗା, ବିଶ୍ରା, ଲାଠିକଟା ସମେତ ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଥିଲା ବଡ଼ଦିନ। ସୂଚନାଯୋଗ୍ୟ, ଆଜକୁ ୨ ହଜାର ବର୍ଷ ପୂର୍ବେ ଜେରୁଜେଲମ୍ ସହରର ବେଥଲେମ୍‌ଠାରେ ପିତା ଯୋଶେଫ ଏବଂ ମାତା ମେରୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ ପ୍ରଭୁ ଯୀଶୁ। ଜାତି, ଧର୍ମ ନିର୍ବିଶେଷରେ ଯୀଶୁ ଥିଲେ ମାନବ ସମାଜର ଆରାଧ୍ୟ ଦେବତା। ମାନବ ସମାଜର କଲ୍ୟାଣ ପାଇଁ ତାଙ୍କର ହୋଇଥିଲା ଆବିର୍ଭାବ। ତାଙ୍କ ଆଗମନ ମାନବ ସମାଜରୁ ସମସ୍ତ ପାପତାପ ନିବାରଣ କରି ସମାଜରେ ସୁଖ ଶାନ୍ତି ସମୃଦ୍ଧି ଭରିଦେବେ ବୋଲି ବିଶ୍ୱାସ ରହିଛି। ସେହିପରି ରାଉରକେଲା, ଝିରପାଣି, କୋଏଲନଗର, ଜଳଦା, ବାଲିଯୋଡ଼ି, ରେଲୱେ କଲୋନୀ, ଶାନ୍ତି ଭବନ, ମଧୁସୂଦନପାଲି, ବାସନ୍ତୀ କଲୋନୀ, ଛେଣ୍ଡ କଲୋନୀ, ସିଭିଲ ଟାଉନସିପର ପ୍ରମୁଖ ଚର୍ଚ୍ଚଗୁଡ଼ିକରେ ଖ୍ରୀଷ୍ଟମାସ ପାଳିତ ହୋଇଛି।

ବେଦବ୍ୟାସ, କଲୁଙ୍ଗା, ନୂଆଗାଁ, ଲାଠିକଟା, ବନ୍ଧମୁଣ୍ଡା, ବିଶ୍ରା, ବୀରମିତ୍ରପୁର, କୁଆଁରମୁଣ୍ଡା, ରାଜଗାଙ୍ଗପୁର, କୁସୁମଡେଗି, କେଶରାମାଲ, ଝୁରମୁର, ବଡ଼ଗାଁ, ହାତୀବାରୀ, ପୁରୁଣାପାଣି, ସୁନ୍ଦରଗଡ଼ ସହିତ ୪୩ଟି ବଡ଼ ଚର୍ଚ୍ଚ ଏବଂ ୩ ଶହରୁ ଅଧିକ କ୍ୟାଥୋଲିକ ଚର୍ଚ୍ଚରେ ଧୁମଧାମରେ ବଡ଼ଦିନ ପାଳିତ ହୋଇଛି। ସୋମବାର ସକାଳେ ଲୋକେ ଚର୍ଚ୍ଚରେ ପହଞ୍ଚି ପରସ୍ପରକୁ ଖ୍ରୀଷ୍ଟମାସ ଶୁଭେଚ୍ଛା ଜଣାଇବା ସହ ସମବେତ ପ୍ରାର୍ଥନା କରିଥିଲେ।

## ମରଣାନ୍ତକ ଆକ୍ରମଣ କରି ବୁଲେଟ୍ ଛଡ଼ାଇନେଲେ

**ରାଉରକେଲା,୨୫ ।୧୨(ସମିସ):** ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୫ରେ ବନ୍ଧମୁଣ୍ଡା କୁକୁଡ଼ା ଗେଟ୍ ପାଖ ମଙ୍ଗଳ ବଜାର ନିକଟରେ ୩ରୁ ୪ ଜଣ ଯୁବକ ଅତର୍କିତଆକ୍ରମଣକରିଜଣେବ୍ୟକ୍ତିଙ୍କଠାରୁ ତାଙ୍କ ବୁଲେଟ୍ ମୋଟର ସାଇକଲ ଛଡ଼ାଇ ନେଇଛନ୍ତି। ଏଥିସହ ତାଙ୍କ କାନ୍ଧରେ ଥିବା ବ୍ୟାଗ ମଧ୍ୟ ଲୁଟିନେଇଛନ୍ତି। ବ୍ୟାଗରେ ତାଙ୍କ ଅଫିସର କିଛି ବିଲ୍ ଓ ମନିପର୍ସରେ ପ୍ରାୟ ୧୫ ଶହ ଟଙ୍କା ଥିଲା ବୋଲି ଲୁଟ୍‌ର ଶିକାର ହୋଇଥିବା କଳିଙ୍ଗବିହାର ଛେଣ୍ଡରେ ରହୁଥିବା ପ୍ରଫୁଲ୍ଲ ମହାନ୍ତିଙ୍କ ପୁଅ ଉମାଶଙ୍କର ମହାନ୍ତି (୩୨) ଥାନାରେ ଅଭିଯୋଗ କରିଛନ୍ତି।

ରବିବାର ଉମାଶଙ୍କର ତାଙ୍କ ସାଙ୍ଗମାନଙ୍କ ସହ ବଣଭୋଜି କରିବାକୁ ବିଶ୍ରା ବ୍ଲକ ତେତେରକେଲା ଯାଇଥିଲେ। ବଣଭୋଜି ସାରି ଫେରିବା ବେଳେ ବନ୍ଧମୁଣ୍ଡା କୁକୁଡ଼ା ଗେଟ ନିକଟ ମଙ୍ଗଳବଜାରଠାରେ ଗୋଟିଏ କାର୍ ଓ ୨ଟି ବାଇକ ଯୋଗେ ୩/୪ ଜଣ ଦୁର୍ବୃତ୍ତ ଆସି ପ୍ରଥମେ ତାଙ୍କୁ ରାସ୍ତାରେ ଅଟକାଇଥିଲେ। ହଠାତ୍ ସେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ଅତର୍କିତ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇ ରାସ୍ତା କଡ଼ରେ ପଡ଼ିଯାଇଥିଲେ। ଏହି ଅବସ୍ଥାରେ ଦୁର୍ବୃତ୍ତମାନେ ତାଙ୍କ ବୁଲେଟ୍ ଗାଡ଼ି ଓ ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ରବିବାର ରାତିରେ ଉମାଶଙ୍କର ଏ ସଂକ୍ରାନ୍ତରେ ବନ୍ଧମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଏସ୍‌ଆଇ ଏସ୍‌ଆର ଗିରିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି।

● ନାଗରିକ ସୁରକ୍ଷା କମିଟିର ଜରୁରୀ ବୈଠକ

# ଜିଲ୍ଲାର ବିକାଶ ପାଇଁ ଆନ୍ଦୋଳନ ନିଷ୍ପତ୍ତି

**ରାଉରକେଲା,୨୫ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ପ୍ରସଙ୍ଗରେ ନାଗରିକ ସୁରକ୍ଷା କମିଟି ଆହ୍ୱାନରେ ଗତ ଅଗଷ୍ଟ ୨୦ ମହାକନ୍‌ଭେନସନର ବ୍ୟାପକ ସଫଳତା ପରେ ଏହି ୧୧ ଦଫା ଦାବି ନେଇ ରବିବାର ଅନୁଷ୍ଠିତ ନାଗରିକ ସୁରକ୍ଷା କମିଟିର ସାଧାରଣ ପରିଷଦ ବୈଠକରେ ଉଦବେଗ ପ୍ରକାଶ କରାଯାଇଛି। ଏନେଇ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ କମିଟି ପକ୍ଷରୁ ସାକ୍ଷାତ କରି ଆଲୋଚନା ହୋଇଥିଲା। ଏହି ଦାବିଗୁଡ଼ିକ ମଧ୍ୟରେ ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଏମ୍ସ ଦ୍ୱାରା ପରିଚାଳନା କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତି ମୁତାବକ ମେଡିକାଲ କଲେଜ ପ୍ରତିଷ୍ଠା, ତାଳଚେର-ବିମଳାଗଡ଼ ରେଳପଥ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା, ରାଉରକେଲାକୁ ରେଳ ଡିଭିଜନ ଘୋଷଣା, ରାଉରକେଲାରେ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସଫ୍ଟୱେର ପାର୍କ ପ୍ରତିଷ୍ଠା, ବାସଚ୍ୟୁତଙ୍କ ପୁନଃ ଥଇଥାନ ଓ କ୍ଷତିପୂରଣ ପ୍ରଦାନ, ସୁନ୍ଦରଗଡ଼ ଜିଲ୍ଲାରେ ଏମ୍‌ଏସଏମଇର ବିକାଶ, ଆରଏସପିର ଆଧୁନିକୀକରଣ ଓ ସମ୍ପ୍ରସାରଣ, ରାଉରକେଲାଠାରେ ଇଏସଆଇସି ମେଡିକାଲ କଲେଜ ପ୍ରତିଷ୍ଠା, ଜିଲ୍ଲା ସଦର ମହକୁମାକୁ ରେଳପଥ ସଂଯୋଗ ସହ ନୂତନ ରେଳପଥ ନିର୍ମାଣ ଓ ଜିଲ୍ଲାର ବିଭିନ୍ନ ରେଳ ଷ୍ଟେସନର ଉନ୍ନତୀକରଣ ଆଦି ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାବି ଉପସ୍ଥାପନ କରିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ରାଜ୍ୟ ସରକାରଙ୍କ ୫-ଟି ଅଧ୍ୟକ୍ଷ (ତତ୍କାଳୀନ ୫-ଟି ସଚିବ)ଙ୍କ ରାଉରକେଲା ଗସ୍ତ ସମୟରେ ନାଗରିକ ସୁରକ୍ଷା କମିଟି ପକ୍ଷରୁ ଏହି ଦାବି ଉପରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଦାବି ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗକୁ ଅବଗତ କରାଯାଇଥିବା ସୁନ୍ଦରଗଡ଼ ଜିଲ୍ଲାପାଳ ଏକ ପତ୍ର ମାଧ୍ୟମରେ ନାଗରିକ ସୁରକ୍ଷା କମିଟିକୁ ଜଣାଇଥିଲେ। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲାବାସୀଙ୍କ ସମସ୍ୟା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ନାଗରିକ ସୁରକ୍ଷା କମିଟିର ସାଧାରଣ ପରିଷଦ ବୈଠକରେ ଉଦବେଗ ପ୍ରକାଶ କରାଯାଇଛି।



କମିଟିର ପ୍ରମୁଖ ସଦସ୍ୟ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ସଦସ୍ୟ ଭୂପେନ ମହାପାତ୍ର, ବିଷ୍ଣୁ ମହାନ୍ତି, ସଞ୍ଜୀବ ମହାନ୍ତି, ଗିରୀଶ ମହାପାତ୍ର, ସତ୍ୟପ୍ରିୟ ମହାନ୍ତି, ଗଣେଶ ପ୍ରଧାନ, ବିମାନ ମାଇତି, ବ୍ରଜେନ୍ଦ୍ର ଦାଶ, ଶ୍ରୀମନ୍ତ ବେହେରା, ଅଜିତ ନାୟକ, ସୁକାନ୍ତ ଖୁଣ୍ଟିଆ, ନିରୂପମା ବଳିଆରସିଂହ, ଅନୁସୟା ପଣ୍ଡା, ସୁମନ ଦତ୍ତ, ପୀତାମ୍ବର ନାୟକ, ପୀତାମ୍ବର ଲେଙ୍କା, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ବାସୁଦେବ ସାହୁ, କୁଞ୍ଜବିହାରୀ ରାଉତ, ତ୍ରିଲୋଚନ ପରିଡ଼ା, ବସନ୍ତ ନାୟକ, ଆଲୋକ ବୋଷ, ବିଶ୍ୱଜିତ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ପୁନର୍ବାର ଏହି ଦାବିରେ ଆନ୍ଦୋଳନ ତୀବ୍ର କରିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆଗାମୀ ଜାନୁଆରୀ ୭ରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ, ଯୁବ, ଛାତ୍ର, ମହିଳା ସଂଗଠନର ନେତୃତ୍ୱ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତିନିଧିଙ୍କୁ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ ପାଇଁ ଏକ ବୈଠକ ଡକାଯାଇଥିଲା ବେଳେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନାଗରିକ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ସାକ୍ଷାତ କରି ନାଗରିକ ସୁରକ୍ଷା କମିଟି ଉପସ୍ଥାପନ କରିଥିବା ଜିଲ୍ଲାର ପ୍ରମୁଖ ଦାବି ଉପରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିବେ ଏବଂ ଏଥିପାଇଁ ନାଗରିକ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ରବିବାର ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ଲହୁଣୀପଡ଼ା,୨୫ ।୧୨(ସମିସ):** ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡିଲେଶ୍ୱର ମାହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ମୁଖ୍ୟବକ୍ତା ଭାବେ ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ ଯୋଗଦେଇ ଭାରତୀୟ ସଂସ୍କୃତି, ଶିକ୍ଷା ବ୍ୟବସ୍ଥା କେତେ ଉଚ୍ଚକୋଟୀର ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଉପେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ଯଶୋବନ୍ତ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟ ନୀରଜ ଚନ୍ଦ୍ର ଦୀକ୍ଷିତ ବିବରଣୀ ପାଠ କରିବା ସହ ଶିଶୁ ବିଦ୍ୟାମନ୍ଦିର ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସାରା ଓଡ଼ିଶାରେ ମୋଟ ୯ ୯୩ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରହିଛି। ସେଥିମଧ୍ୟରୁ ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନ୍ୟତମ। ଏହି ବିଦ୍ୟାଳୟ ୧୯୮୯ରେ ୧୦ ଜଣ ପିଲାଙ୍କୁ ନେଇ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଶିଶୁ ବାଟିକାଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢ଼ିବାର ସୌଭାଗ୍ୟ ଲାଭ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ମାତୃବନ୍ଦନା ସହିତ ବିଦ୍ୟାଳୟର କୁନି ପିଲାମାନଙ୍କୁ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ରାଜକିଶୋର ପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଛେଣ୍ଡ ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁ ମିଳନ



**ରାଉରକେଲା,୨୫ ।୧୨(ସମିସ):** ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ୨୦୨୩ ବର୍ଷକୁ ବିଦାୟ ଜଣାଇ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ମଧୁସୂଦନ ପାଠାଗାର ପ୍ରାଙ୍ଗଣରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ନବଘନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇ ପରସ୍ପର ମଧ୍ୟରେ ଭାବ ବିନିମୟ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦିନଟିକୁ ଉତ୍ସବମୁଖର କରିଥିଲେ। ଅବସରପ୍ରାପ୍ତ ଆରଏସପି ଅଧିକାରୀ ଅଭୟ କୁମାର ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସଦସ୍ୟମାନଙ୍କୁ ଉଦବୋଧନ ଦେଇ କହିଲେ, କର୍ମକ୍ଷେତ୍ରରୁ ଅବସର ପରେ ନିଜକୁ ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିୟୋଜିତ କରିବା ସହ ସମୟାନ୍ତରେ ସମ୍ମିଳିତ ହୋଇ ଏପରି ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ ମାନସିକ ଅବସାଦ ଦୂର ହୋଇଥାଏ। ସୁବାସ ଚନ୍ଦ୍ର ମହାପାତ୍ର ଏବଂ ବିଶ୍ୱନାଥ ଜେନାଙ୍କ ନେତୃତ୍ୱରେ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ କୌତୁକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ଧ୍ରୁବଚରଣ ନାୟକ, ରବିନାରାୟଣ ସିଂ, ହରିଶ୍ଚନ୍ଦ୍ର ଭୂମିଜ, ନୀରଦ ଭୂଷଣ ପଟ୍ଟନାୟକ, ବିଜୟ କୁମାର ବରାଳ ପ୍ରମୁଖ ସହାୟତା କରିଥିଲେ।

**ରାସ୍ତା ଅତିକ୍ରମ କରୁଥିବା ବେଳେ ଧକ୍କାଦେଲା କାର୍**

## ଚିକିତ୍ସାଧୀନ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

**ଲହୁଣୀପଡ଼ା,୨୫ ।୧୨(ସମିସ):** ଲହୁଣୀପଡ଼ା ଥାନା କୁର୍ଡା ପଞ୍ଚାୟତ ଟାଙ୍ଗଯୋଡ଼ା ଛକ ନିକଟରେ ରାସ୍ତା ଅତିକ୍ରମ କରୁଥିବା ବେଳେ କାର ଧକ୍କାରେ ଗୁରୁତର ଆହତ ହୋଇଥିବା ପୂର୍ବତନ ସରପଞ୍ଚଙ୍କ ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ରାଜ୍ୟ ରାଜପଥ ୧୦(କ)ର ଲହୁଣୀପଡ଼ା ବାହାଡ଼ାପୋଷି ଟାଙ୍ଗଯୋଡ଼ା ଛକରେ ୨୩ ତାରିଖ ସନ୍ଧ୍ୟାରେ କୁର୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଟାଙ୍ଗଯୋଡ଼ା ଗ୍ରାମ ବାସିନ୍ଦା କଳାକର କିଷାନ (୪୬) ସାଇକଲରେ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ବଣାଇଁ ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ରବିବାର ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନାଯୋଗ୍ୟ, କଳାକରଙ୍କ ପତ୍ନୀଙ୍କର ଆଗରୁ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏବେ ତାଙ୍କ ମୃତ୍ୟୁ ପରେ ୨ ପୁଅ ଅନାଥ ହୋଇଯାଇଛନ୍ତି।

● ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

# ନାଟକ 'ତା'ରି ଲାଗି' ମଞ୍ଚସ୍ଥ

**ରାଉରକେଲା,୨୫ ।୧୨(ସମିସ):**

ଆର୍‌ଏସ୍‌ପି ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରାୟୋଜିତ ଓ ସ୍ପନ୍ଦନ ରାଉରକେଲା ଆୟୋଜିତ ୩୪ତମ ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ଓଡ଼ିଆ ନାଟକ ''ତା'ରି ଲାଗି' ମଞ୍ଚସ୍ଥ କରିଥିଲେ ବାଲେଶ୍ୱରର ନାୟିକା ନାଟ୍ୟାନୁଷ୍ଠାନ କଳାକାରମାନେ। ପ୍ରଫେସର ସମର ମୁଦାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବେ ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ (ଚିକିତ୍ସା ଓ ସ୍ୱାସ୍ଥ୍ୟସେବା) ଡାକ୍ତର ବିରଞ୍ଚି କୁମାର ହୋତା, ବିଶିଷ୍ଟ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସେଠୀ, ବିଶିଷ୍ଟ ଯୁବ ନାଟ୍ୟକାର ପ୍ରଭାକର ପାତ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ପନ୍ଦନର ସହ-ସମ୍ପାଦକ କ୍ଷୀରୋଦ କୁମାର ବାଡ଼ତ୍ୟା ସଂଯୋଜନା କରିଥିଲା ବେଳେ ସମ୍ପାଦକ ଡ. ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସସ୍ମିତା ରଣାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ ପରିବେଷଣ କରିଥିଲେ ନାୟିକା ବାଲେଶ୍ୱରର କଳାକାରମାନେ।

ମଣିଷର ଅସୀମ ଆଶା ଉପରେ ପର୍ଯ୍ୟବେସିତ ଥିଲା ନାଟକ। ଜିଇଁବା ଅପେକ୍ଷା ଜୀବନ ଆହୁରି ବିଚିତ୍ର। ଏ କଥା ବିଭିନ୍ନ ଘଟଣାରୁ ଜଣାପଡ଼ିଥାଏ। ବେଳେବେଳେ ମନେହୁଏ ଏହା ଏକ ମନଗଢ଼ା କାହାଣୀ। କୁହାଯାଏ ଏ ଦୁନିଆରେ ସବୁଠୁ ବିଚିତ୍ର ହେଉଛି ମଣିଷ। ନାଟକର ବିଳାସ ଚରିତ୍ରର ଜୀବନ କାଳରେ ରବିବାରର ଘଟଣାକୁ ନେଇ କାହାଣୀଟି ଆଗେଇଛି। ଛୋଟିଆ ଖଣ୍ଡେ କାଗଜ ପାଇଁ ଏମିତି ଏକ ବିଭ୍ରାଟ ହୋଇଥଲା, ଯାହା କେହି କଳନା କରି ନ ଥିଲେ। ବଞ୍ଚି ଆସୁଥିବା ଚରିତ୍ର ଭିତରୁ ବାହାରି ଆସେ ସେ ଯେଉଁ ବ୍ୟତିକ୍ରମ ସୃଷ୍ଟି କରେ ସେଇଟା। ତାଙ୍କ ସାରା ପରିବାରକୁ, ତାଙ୍କ ଚାରି ପାଖରେ ଗଢ଼ିଉଠିଥିବା ସମାଜକୁ ତାଙ୍କଠାରୁ ବିଚ୍ଛିନ୍ନ କରିଦେଲା। ନାଟକରେ କୁହାଯାଇଛି ଯେ ପ୍ରତ୍ୟେକ ମଣିଷ ଏମିତି ବଡ଼ କିଛି ଗୋଟେ ପାଇବା ଆଶାରେ ବର୍ତ୍ତମାନଟାକୁ ପାଇବାକୁ ତୁଚ୍ଛ କରି ଆଉ ସବୁ ପ୍ରାପ୍ତିକୁ ଗୋଡ଼ରେ ଆଡ଼େଇଦେଇ ଗୋଟାଏ ଅନ୍ଧ ଆବେଗରେ ଦୌଡ଼ି ଚାଲିଛି। ହୁଏତ ଠିକ୍ ଜାଗାରେ ପହଞ୍ଚି ସେ ଦେଖୁଛି ତା' ପାଇଁ ତା'ର ଇଏ ଦୌଡ଼ିବା କିଛି ନୁହେଁ। ନାଟକରେ ଚରିତ୍ରମାନଙ୍କ ଅଭିନୟକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ନାଟକରେ ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଶକ୍ତି ପ୍ରସାଦ ମିଶ୍ର। ଆଲୋକରେ ଅଭିଜିତ୍ ବିଶ୍ୱାଳ, ମଞ୍ଚସଜା ଅତୁଲ କୁମାର ଦାଶ, ମୋହିତ କୁମାର ଦାସ, ବେଶ ପରିପାଟୀରେ ଭାରତୀ ନାୟକ ଓ ମଞ୍ଚ ପରିଚାଳନା କରିଥିଲେ ବୈଶାଖୀ ରଣା। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଅରବିନ୍ଦ ସାହୁ, ସସ୍ମିତା ରଣା, ସୁଶିଲ ପଟ୍ଟନାୟକ, ସୁଶାନ୍ତ କୁମାର ଜେନା, ବିଜୟ ଅଧିକାରୀ, ପାର୍ଥସାରଥି ଧଳ, ଅମୃତାଂଶୁ ମହାପାତ୍ର, ସେଲିନା ରଣା, ପ୍ରଦୀପ ବେହେରା ଓ ଘନଶ୍ୟାମ ମହାଳିକ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନିତ୍ୟାନନ୍ଦ ଜେନା, ରମେଶ ଗୌଡ଼, ଉମେଶ ଗୌଡ଼, କ୍ରିଷ୍ଣା ସିଂ, ଅମୂଲ୍ୟ ବେହେରା, ଶିଶିର ମୁଦାଲି ଓ ବିଧାନ କୁମାର ପ୍ରମୁଖ। ମଙ୍ଗଳବାର ସନ୍ଧ୍ୟାରେ ମଣିପୁରୀ ଭାଷାରେ ୨ଟି ନାଟକ ମଞ୍ଚସ୍ଥ ହେବା ସହ ମହୋତ୍ସବର ଶେଷ ଦିନ ବୁଧବାର ଅପରାହ୍ନ ୫ଟାରେ ଲୋକନୃତ୍ୟ ପରିବେଷଣ କରାଯିବ। ଏଥିରେ ପଶ୍ଚିମବଙ୍ଗରୁ ଆସୁଥିବା ମଣିପୁରର କଳାକାରମାନେ ପୁରୁଲିଆ ଛଉନୃତ୍ୟ, ମଣିପୁରୀ ଲୋକନୃତ୍ୟ, ବିହୁନୃତ୍ୟ ତଥା ଅନ୍ୟ ଲୋକନୃତ୍ୟ ସହ ମାର୍ଶଲ ଆର୍ଟ ପ୍ରଦର୍ଶନ କରିବେ ବୋଲି ସୂଚନା ମିଳିଛି।



### ସରକାରୀ କଲେଜ ପକ୍ଷରୁ ଆଦୃତା ଶିଶୁ ଭବନରେ ସାମାଜିକ କାର୍ଯ୍ୟକ୍ରମ

# ମାଗଣାରେ ପାଠପଢ଼ା ନେଇ ଏମ୍‌ଓୟୁ ସ୍ୱାକ୍ଷରିତ



ସୁନ୍ଦରଗଡ଼, ୨୫ ।୧୨(ସମିସ)

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସୁବଳୟାସ୍ଥିତ ଆଦୃତା ଶିଶୁ ସଦନଠାରେ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲ ସୁମନ୍ତ ସାହୁ, ଅସିତ କୁମାର ଦେ, ଗୋପ ମହାନ୍ତି, ଯୋଗେନ୍ଦ୍ର ଭୋଇ, ମଦନ ମୋହନ ବାବୁ ଓ ଜଗଦୀଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ କାର୍ଯ୍ୟର ବିଭିନ୍ନ ଦିଗ ଓ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଅନ୍ତେବାସୀଙ୍କ ପାଇଁ ନୂତନ ଉତ୍ସାହ ଓ ପ୍ରେରଣାଦାୟକ ଭାଷଣ ଦେଇଥିଲେ। ଭବିଷ୍ୟତରେ ଅନ୍ତେବାସୀମାନେ ଯଦି ସରକାରୀ ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି ତେବେ ସେମାନଙ୍କ ସମସ୍ତ ଖର୍ଚ୍ଚ ଓ ଛାତ୍ରାବାସର ରହଣି ଦେୟମୁକ୍ତ କରାଯିବ ବୋଲି ସେ ଘୋଷଣା କରିଥିଲେ। ଏ ନେଇ ସୁନ୍ଦରଗଡ଼ ସରକାରୀ କଲେଜ ଓ ଶିଶୁ ସଦନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଅନ୍ତେବାସୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ସେବତୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଆଲୋକ କୁମାର ନାୟକ, ରାଧାନାଥ ମିଶ୍ର, ସତ୍ୟ ଶୋଭନ ସୋରେଙ୍ଗ, ସୁବଳ ନାୟକ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ପ୍ରଦୀପ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଆଦୃତା ଶିଶୁ ସଦନର ସୁପରିନଟେଣ୍ଡେଣ୍ଟ କାମେଶ୍ୱର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ

**ବାଲିଶଙ୍କରା, ୨୫ ।୧୨(ସମିସ):** କିଞ୍ଜିରକେଲା ଥାନା ବେହେରାଡିହି ପଞ୍ଚାୟତ ଜଡ଼ାକୁଦର ଗ୍ରାମରେ ଦିଲୀପ ଇନ୍ଦୁଆର (୨୬)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରବିବାର ରାତିରେ ସେ ଘରେ ଶୋଇଥିଲେ। ତେବେ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ସେ ଉଠି ନ ଥିଲେ। ସେ ଖଟରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ଦିଲୀପଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## ଅନାଥାଶ୍ରମରେ ବାଲ୍ ଭୋଜନ ଅନୁଷ୍ଠିତ

**ହେମଗିରି, ୨୫ ।୧୨ (ସମିସ):** ହେମଗିରିସ୍ଥିତ ଏକଲବ୍ୟ ଅନାଥାଶ୍ରମରେ ବିଭିନ୍ନ ସମୟରେ ଲୋକଙ୍କ ବାଲଭୋଜନ ବ୍ୟବସ୍ଥା କରାଯାଉଛି। ସୋମବାର ସ୍ଥାନୀୟ ପଟ୍ଟନାୟକ ପରିବାର ପକ୍ଷରୁ ଏଠାରେ ବାଲଭୋଜନ ବ୍ୟବସ୍ଥା କରାଯାଇଥିଲା। ଦିନତମାମ୍ ଖେଳକୁଦ ସାଙ୍ଗକୁ କ୍ୱିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପୁରସ୍କାର ବିତରଣ କରାଯାଇଥିଲା। ଅନ୍ତେବାସୀଙ୍କ ସମେତ ୧୫୦ ଜଣଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ପଟ୍ଟନାୟକ ପରିବାର ସମସ୍ତ ସଦସ୍ୟ ଏଥିରେ ଯୋଗଦେଇ ଅନାଥ ପିଲାମାନଙ୍କ ସହ ଭାବ ଆଦାନ ପ୍ରଦାନ କରିଥିଲେ।



## ତ୍ରିଦିବସୀୟ କ୍ରିକେଟ୍ ଓ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କୁତ୍ରା, ୨୫ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବୁଢ଼ାକଟାଠାରେ ଜୟଦୁର୍ଗା କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ କ୍ରିକେଟ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ବିରତୋଲା ଓ ଗଡ଼ପୋଷ ମଧ୍ୟରେ ଖେଳାଯାଇଥିଲା। ବିରତୋଲା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪୯ରନ କରି ଅଲଆଉଟ ହୋଇଥିବା ବେଳେ ଗଡ଼ପୋଷ ଦଳ ୭ ଓଭରରେ ୫୦ରନ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ ତରକେରା ଓ ଗଙ୍ଗାଜଳ ମଧ୍ୟରେ ଖେଳାଯାଇଥିଲା। ତରକେରା ପ୍ରଥମ ବ୍ୟାଟିଂ କରି ୧୪୯ କରିଥିବା ବେଳେ ଗଙ୍ଗାଜଳ ଦଳ ୪୦ରନ କରି ଅଲଆଉଟ ହୋଇଥିଲା। ଫାଇନଲ ମ୍ୟାଚ ଗଡ଼ପୋଷ ଓ ତରକେରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗଡ଼ପୋଷ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪୬ ରନ କରିଥିଲା। ତରକେରା ଦଳ ୬ ଓଭରରେ ୪୭ରନ କରି ବିଜୟୀ ହୋଇଥିଲେ।

ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନକଟି ନାଏକ ବ୍ରଦର୍ସ ଓ ମାରିଆ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାରିଆ କ୍ଲବ ୩ଟି ଗୋଲ୍ କରି ବିଜୟୀ ହୋଇଥିଲା। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିଲା।

ଉଦଯାପନୀ ଉତ୍ସବରେ ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବରେ କୁତ୍ରା ବ୍ଲକ ଉପାଧ୍ୟକ୍ଷ କସ୍ତୁଭୂଷଣ ହୋତା, ବୁଢ଼ାକଟା ଗଉଁତିଆ ଡୋଲାମଣି ବରିହା, ସୀତାକାନ୍ତ ବେହେରା, ହେମନ୍ତ ବେହେରା, ଜନ୍ମେଜୟ ବେହେରା, ମହେନ୍ଦ୍ର ସିଂ ଓ ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। କ୍ଲବ ସଭାପତି ଟଙ୍କଧର ବରିହା, ସମ୍ପାଦକ କମଳ ପାଉଲେ, ରୋହିତ କୁମରା, କିଶୋର ବେହେରା, ମିତ୍ରଭାନୁ ସିଂ ଦଣ୍ଡପାଠ, ଲଳିତ ପାଉଲେ, ଅଜିତ ସାହୁ ଓ ମାନସ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### କୁତ୍ରାରେ ପ୍ରଥମ କିସାନ ମେଳା ଉଦ୍‌ଯାପିତ

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଲାଇନ୍ ଦଳ ଚାମ୍ପିଅନ





**କୁତ୍ରା, ୨୫ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମାସ୍ଥିତ କୁତ୍ରା ଆଇଟିଆଇ ଖେଳପଡ଼ିଆରେ ୯୦୦ ନାଗ୍ରା କିସାନ ସମାଜ ଛେଣ୍ଡ ଗଙ୍ଗାଘାଟୀ ଓ କୁତ୍ରାର ତୁନମୁରା କିସାନ ସମାଜ ଗଙ୍ଗାଘାଟୀ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ କିସାନ ମେଳା ଓ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଲାଇନ ଦଳ ଚାମ୍ପିଅନ ହୋଇଥିବା ବେଳେ କୁତ୍ରା ଦଳ ରନର୍ସଅପ ହୋଇଛି। ଗର୍ଜନ ଦଳ ତୃତୀୟ ଓ ଗବରପିଠି ଚତୁର୍ଥ ସ୍ଥାନରେ ରହିଛି। ସମସ୍ତ ଦଳକୁ ପୁରସ୍କାର ସ୍ୱରୂପ ଖାସି ଓ ସିଲ ଦିଆଯାଇଥିଲା।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ଯୋଗଦେଇ ପୁରାତନ କାଳରୁ ଚାଲିଆସୁଥିବା ପାରମ୍ପରିକ କିସାନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଝାରସୁଗୁଡ଼ା ଏସଡିସି ଅଧ୍ୟକ୍ଷ ମୋହନ କିସାନ, ସମାଜସେବୀ ବଇଲୋ କିସାନ, ଛେଣ୍ଡ ଗଙ୍ଗାଘାଟୀ କମିଟି ସଭାପତି ବୁଧୁ କିସାନ, ଚନ୍ଦ୍ରମଣି କିସାନ, ଝିରଗା କିସାନ, ଧର୍ମୁ କିସାନ, ସ୍ୱପ୍ନ ମିଞ୍ଜ, ତୁନମୁରା ଗଙ୍ଗାଘାଟୀ କମିଟି ସଭାପତି କପିଳ ଟପ୍ପୋ, ସମ୍ପାଦକ ପ୍ରେମଚାନ୍ଦ ଲାକଡ଼ା, ବିଶ୍ୱନାଥ ଟପ୍ପୋ ଓ କୁତ୍ରା ସରପଞ୍ଚ ଭୁବନ କୁଜୁର ଯୋଗଦେଇଥିଲେ। କିସାନ ମେଳାରେ ଆଖପାଖ ଅଞ୍ଚଳର ୨୧ଟି ସାଂସ୍କୃତିକ ଦଳ ପାରମ୍ପରିକ କିସାନ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଆୟୋଜିତ ସଭାକୁ କୁତ୍ରା ସରପଞ୍ଚ ଭୁବନ କୁଜୁର ପରିଚାଳନା କରିଥିବା ବେଳେ କୃଷ୍ଣା ଲାକ୍ରା, ଦେବେନ୍ଦ୍ର ଲାକ୍ରା, ଆକାଶ କୁଜୁର, ସୁନୀଲ କୁଜୁର ଓ କୁତ୍ରା ଗ୍ରାମର ମହିଳାଙ୍କ ସମେତ ଲିଟିବେଡ଼ା, ଡାହିଜିରା ମଖାପଡ଼ା ଓ କଟଙ୍ଗ ଗ୍ରାମର ମୁଖିଆମାନେ ସହଯୋଗ କରିଥିଲେ।

## ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



**ସୁନ୍ଦରଗଡ଼, ୨୫ ।୧୨(ସମିସ):** ବିଜେପି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ବିଜେପି ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏବଂ ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିବା ସହ ତାଙ୍କ ପଥ ଅନୁସରଣ କରି ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ରାଷ୍ଟ୍ର ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶୋବନ୍ତ ନାଏକ, ସୁଖଲାଲ ମୁଣ୍ଡା, ସୁରେନ୍ଦ୍ର ଭିତ୍ରିଆ, ଭେଷଜ ରଥ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବିକାଶ ନାଏକ, ମନୋଜ ପୁରୋହିତ, ସୁଦାମ ହୋତା, ମିନତୀ ପୁରୋହିତ, ଅଞ୍ଜନା ପଟେଲ, କାନନବାଳା ବେହେରା, ତପନ ପଟେଲ, ଅସ୍ମିତ ପଟେଲ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଏନଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତୀକରଣ ଅଭିଯାନ ଉଦଘାଟିତ



**ସୁନ୍ଦରଗଡ଼, ୨୫ ।୧୨(ସମିସ):** ଏନଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତୀକରଣ ଅଭିଯାନ ଉଦଘାଟିତ ହୋଇଛି। ଏନଟିପିସି ଲିମିଟେଡ୍‌ର ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗୁରୁଦୀପ ସିଂ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରୀମାନଙ୍କୁ ଶିକ୍ଷିତ ତଥା ସଶକ୍ତ କରିବା ଦିଗରେ ଏନଟିପିସି ଦ୍ୱାରା କରାଯାଉଥିବା ପ୍ରୟାସ ବିଷୟରେ କହିବା ସହ ମିଶନର ଆହୁରି ବିସ୍ତାର କରିବାକୁ ଉତ୍ସାହିତ କରିଥିଲେ। ସିଏମଡି ସିଂଙ୍କ ଦ୍ୱାରା ଶୁଭ୍ରଜ୍ୟୋତି ଟାଉନସିପରେ କୋଣାର୍କ ଅଡିଟୋରିୟମ୍ ଏବଂ ଶିଶୁ ଉଦ୍ୟାନ ମଧ୍ୟ ଉଦଘାଟନ କରାଯାଇଥିଲା। ଏଠାରେ ସେ ଯୁବ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ଅପରେସନ୍ସ) ରମେଶ ବାବୁ ଭି, ନିର୍ଦ୍ଦେଶକ (ଇନ୍ଧନ) ଶିବମ ଶ୍ରୀବାସ୍ତବ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କର୍ମଶାଳା ମାଧ୍ୟମରେ ଦର୍ଲିପାଲି ନିକଟସ୍ଥ ଗ୍ରାମର ୧୨୦ ବାଳିକାଙ୍କୁ ସପ୍ତାହକ ପାଇଁ ଶିକ୍ଷାଗତ ତଥା ଅନ୍ୟାନ୍ୟ ତାଲିମ ପ୍ରଦାନ କରାଯାଉଛି। ଏହା ତାଙ୍କ ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରୁଛି।

## ସମାଜସେବୀ ରୀନା ମାଝୀଙ୍କୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ

ସୁନ୍ଦରଗଡ଼, ୨୫ ।୧୨(ସମିସ): ଲେଫ୍ରିପଡ଼ା ବ୍ଲକ ବଡ଼ବଙ୍ଗା ଗ୍ରାମର ସମାଜସେବୀ ରୀନା ମାଝୀଙ୍କୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ସମ୍ମାନ ସହ ପ୍ରଦାନ କରାଯାଇଥିବା ମାନପତ୍ରରେ ତାଙ୍କୁ ଦଳିତ, ପତିତ, ଅବହେଳିତ, ଆର୍ତ୍ତ, ଅସହାୟଙ୍କ ସେବିକା ତଥା ଦରଦୀ ବନ୍ଧୁ ବୋଲି ଅଭିହିତ କରାଯାଇଛି। ଭୋକିଲା ପେଟକୁ ଦାନା ଯୋଗାଇ ଶୁଖିଲା ମୁହଁରେ ହସ ଫୁଟାଇବା, ପରକୁ ଆପଣେଇ ନେବା, ଶତ୍ରୁ ହେଲେ ବି କୋଳେଇ ନେଇ ଧନ୍ୟବାଦ ଦେବା ତାଙ୍କ ଜୀବନର ଧର୍ମ ବୋଲି ଉକ୍ତ ମାନପତ୍ରରେ ଉଲ୍ଲେଖ କରାଯାଇଛି। କଟକସ୍ଥିତ କର୍ମବୀର ଗୌରୀଶଙ୍କର ଟାଉନ ହଲରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହରେ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ଦିଆଯାଇଛି। କଟକ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ଚିନ୍ମୟ ସାହିତ୍ୟ ସଂସଦ, ଓଡ଼ିଶା ପୂଜ୍ୟପୂଜା ପରିଷଦ ଓ ରାଉରକେଲା ଅଗ୍ନିସ୍ଫୁଲିଙ୍ଗ ଅନୁଷ୍ଠାନ ପକ୍ଷରୁ ଉକ୍ତ ସମାରୋହ ଆୟୋଜିତ ହୋଇଥିଲା।



## ଗ୍ଲୋବାଲ ଡିସ୍କଭରୀ ବିଦ୍ୟାଳୟର ବାର୍ଷିକୋତ୍ସବ



**ସୁନ୍ଦରଗଡ଼, ୨୫ ।୧୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ କଇଁସରାସ୍ଥିତ ଗ୍ଲୋବାଲ ଡିସ୍କଭରୀ ଇଂରାଜୀ ମାଧ୍ୟମ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲାଲମଣି ନାୟକ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ସଭାପତି ସନାତନ ନାୟକ ଓ ଗ୍ଲୋବାଲ ଡିସ୍କଭରୀ ଭାରତର ପ୍ରମୁଖ ନିଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୁକ୍ତା ଗୋସ୍ୱାମୀ ମଞ୍ଚ ପରିଚାଳନା କରିଥିବା ବେଳେ ପି. ଗୀତାପାବନୀ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସୁବିଧା ଅସୁବିଧା ଜଣାଇଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନବଦୁର୍ଗା, ଶିବତାଣ୍ଡବ ନୃତ୍ୟନାଟିକା ତଥା ସମ୍ବଲପୁରୀ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

### ୪୩ ବର୍ଷ ପରେ ସରକାରୀ ଖାତାକୁ ଫେରିଗଲା ସରକାରଙ୍କ ପ୍ରଦତ୍ତ ଚାଷଜମି

# ଦୁର୍ଦ୍ଦିନରେ ଗରିବ ଆଦିବାସୀ ପରିବାର



ସୁନ୍ଦରଗଡ଼, ୨୫ ।୧୨(ସମିସ)

୪୩ ବର୍ଷ ପୂର୍ବେ ତତ୍କାଳୀନ ନିୟମ ଅନୁଯାୟୀ ସରକାର ଏକ ଗରିବ ଆଦିବାସୀ ପରିବାରକୁ କିଛି ଜମି ଯୋଗାଇ ଦେଇଥିଲେ। ଫଳରେ ସମ୍ପୃକ୍ତ ପରିବାର ଉକ୍ତ ଚାଷଜମିରେ ସୁନା ଫଳାଇ ବେଶ୍ ହସଖୁସିରେ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଏବେ ତାଙ୍କ ମୁଣ୍ଡରେ ଅକାଳ ଚଡ଼କ ପଡ଼ିଛି। ରାଜସ୍ୱ ବିଭାଗ ଉକ୍ତ ଜମିକୁ ସରକାରୀ ଖାତାକୁ ଫେରାଇନେଇଛି। ନ୍ୟାୟ ପାଇଁ ବାରଦୁଆର ହେଉଥିଲେ ହେଁ ତାଙ୍କ କଥାକୁ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଫଳରେ ଏହି ଗରିବ ପରିବାରର ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। ଏପରି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ସାହାଜବାହାଲ ପଞ୍ଚାୟତ ମଟାମରା ଗ୍ରାମରେ।

୧୯୭୭ରେ ଗରିବ ଆଦିବାସୀ ପରିବାରଙ୍କୁ ୫ ଏକର ଚାଷଜମି ଦେବାକୁ ସରକାର ବ୍ୟବସ୍ଥା କରିଥିଲେ। ମଟାମରା ଗ୍ରାମର ଶାମ ଖଡ଼ିଆଙ୍କ ମାତ୍ର ଏକ ଏକର ଜମି ଥିବାରୁ ତାଙ୍କୁ ସରକାର ତାଙ୍କୁ ୪ ଏକର ୧୬ ଡିସିମିଲ ଚାଷଜମି ଦେଇଥିଲେ। ୧୯୭୭ ମସିହା ସେଟଲମେଣ୍ଟରେ ମଟାମରା ରାଜସ୍ୱ ଗ୍ରାମର ପ୍ଲଟ ନମ୍ବର ୨୫୧, ୨୫୨ ଓ ୨୫୩ରେ ଏହି ଜମି ତାଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିଲା। ଶାମଙ୍କ ଅନ୍ତେ ତାଙ୍କ ପୈତୃକ ଜମି ୧ ଏକରକୁ ୨ ପୁଅ ବିକ୍ରମ ଓ ଲବ ଅଧ ଏକର ଲେଖାଏଁ ଭାଗ କରିଥିଲେ। ସେହିପରି ସରକାରଙ୍କଠାରୁ ମିଳିଥିବା ଜମିକୁ ସେମାନେ ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ। ମୁଖ୍ୟତଃ ଏହି ଚାଷଜମିରେ ବିକ୍ରମ ଓ ଲବଙ୍କ ପରିବାର ଚଳୁଥିଲା। ସେମାନେ ଉକ୍ତ ଜମିର ନିୟମିତ ଖଜଣା ଦେଇଆସୁଥିଲେ। ତେବେ ଗତବର୍ଷଠାରୁ ରାଜସ୍ୱ ବିଭାଗ କର୍ମଚାରୀମାନେ ଏହି ଜମିର ଖଜଣା ଆଉ ନେଉନାହାନ୍ତି। ସେମାନେ ନିଜ ସରକାରୀ ପୋର୍ଟାଲ ଭୂଲେଖରେ ଯାଞ୍ଚ କରି ତାଙ୍କ ଜମି ସରକାରୀ ଖାତାକୁ ଚାଲିଯାଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ବଡ଼ଗାଁ ତହସିଲଦାରଙ୍କୁ ଜଣାଇଥିଲେ। ମାତ୍ର ତହସିଲଦାର କେଉଁ କାରଣରୁ ମିଳିଥିବା ଜମି ସରକାରୀ ଖାତାକୁ ଯାଇଛି କହିପାରିନାହାନ୍ତି। ଶେଷରେ ଜିଲ୍ଲାପାଳଙ୍କୁ ମଧ୍ୟ ଜଣାଇଛନ୍ତି। ତଥାପି କୌଣସି ସୁଫଳ ମିଳିନାହିଁ। ନିଜ ହାତରୁ ଭାତ ହାଣ୍ଡି ଚାଲିଯିବାରୁ ଏହି ଗରିବ ପରିବାର ହତାଶ ହୋଇପଡ଼ିଛନ୍ତି। ଏବେ ଏ ନେଇ ଏକ ଭିଡିଓ ଜାରି କରି ନ୍ୟାୟ ପ୍ରଦାନ ପାଇଁ ଜିଲ୍ଲା ତଥା ରାଜ୍ୟର ସମସ୍ତ ଆଦିବାସୀ ସଂଗଠନ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଛନ୍ତି।

# ଭିତରକନିକା ବୁଲିଲେ ୨୫୧୯ ପର୍ଯ୍ୟଟକ

**ରାଜନଗର, ୨୫।୧୨(ସମିସ):**

ଏବେ ପର୍ଯ୍ୟଟନ ଋତୁ ଚାଲିଛି। ଦେଶ ବିଦେଶର ପର୍ଯ୍ୟଟକମାନେ ପ୍ରକୃତିର ନୈସର୍ଗିକ ଉପହାର ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣରେ ଆସୁଛନ୍ତି। କେବଳ ରବିବାର ଛୁଟିଦିନରେ ୧୬୧ଟି ବୋଟ୍‌ରେ ୧୯୩୪ ଜଣ ପର୍ଯ୍ୟଟକ ନୌବିହାର କରିଛନ୍ତି। ମୋଟ ୨୫୧୯ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ଶୋଭାକୁ ନୌବିବିହାର ମାଧ୍ୟମରେ ଉପଭୋଗ କରିଛନ୍ତି। ଏହି ସମୟରେ ନଦୀର ଉଭୟ ପାର୍ଶ୍ୱରେ ଖରା ପୋଉଁଥିବା ବିରାଟ ବିରାଟ କୁମ୍ଭୀରଙ୍କୁ ଦେଖିଛନ୍ତି। ଏହାସହ ଜଳ ଭିତରେ କୁମ୍ଭୀରଙ୍କ ଜଳକ୍ରୀଡା ଦେଖି ପର୍ଯ୍ୟଟକ ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀକୁ ଦେଖିଥିଲେ। କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ପ୍ରଜନନ କେନ୍ଦ୍ରରେ ଥିବା ଧଳା କୁମ୍ଭୀର ଶ୍ୱେତା, ଡାଙ୍ଗମାଳଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ, ସହିଦ୍ ସ୍ତମ୍ଭ ସମେତ ବୋଟ୍ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ପ୍ରବେଶ ପଥ ଦେଇ ୬୮ଟି ବୋଟ୍‌ରେ ୮୮୯ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିଲେ। ଗୁପ୍ତି ପ୍ରବେଶ ପଥ ଦେଇ ୨୭ଟି ବୋଟ୍‌ରେ ୩୬୯ଜଣ, ଚାନ୍ଦବାଲି ପ୍ରବେଶ ପଥ ଦେଇ ୧୫ଟି ବୋଟ୍‌ରେ ୧୬୮ଜଣ, ଡାଙ୍ଗମାଳ ପ୍ରବେଶ ପଥ ଦେଇ ୧୦୮୩ଜଣ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ପ୍ରବେଶ ପଥ ଦେଇ ଆସିଥିବା ୧୦୮୩ ଜଣଙ୍କ ମଧ୍ୟରୁ ୪୧ଟି ବୋଟ୍‌ରେ ୫୧୦ଜଣ ପର୍ଯ୍ୟଟକ ଡାଙ୍ଗମାଳରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।



# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବିରିଡି, ୨୫।୧୨।(ସମିସ):** ବାରେଡିଆ ପଞ୍ଚାୟତ ଗେଲପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗନେଇଥିଲେ। ପୁରୁଣା ବସନ୍ତ ଓ ଜଗତସିଂହପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ପୁରୁଣା ବସନ୍ତ ଦଳ ବ୍ୟାଟିଂ କରି ୪ ଓଭର ଶେଷ ସୁଦ୍ଧା ୫୭ ରନ୍ କରିବାରେ ସକ୍ଷମ ହୋଇପାରିଥିଲା। ଜଗତସିଂହପୁର ଦଳ ନିର୍ଦ୍ଧାରିତ ୪ ଓଭର ଖେଳି ମାତ୍ର ୩୦ ରନ୍ କରିଥିଲା। ପୁରୁଣା ବସନ୍ତ ଦଳ ୨୭ ରନ୍‌ରେ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୟ ଶଙ୍କର ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ପ୍ରଧାନ ଅତିଥି ଭାବେ ବ୍ଲକ ଅଧକ୍ଷା ମମତା ପାତ୍ର, ସମ୍ମାନିତ ଅତିଥି ଭାବେ ସମବାୟବିତ୍ ନନ୍ଦ କିଶୋର ବସ୍ତିଆ, ସରପଞ୍ଚ ମନୋରଞ୍ଜନ ଭୋଇ, ସମିତି ସଭ୍ୟା ସସ୍ମିତା ଦାସ, ପୂରଣ ଡିଗ୍ରୀ କଲେଜର ଅଧକ୍ଷ ଶିଶିର ଦାସ, ଶିକ୍ଷକ ମହେଶ୍ୱର ବସ୍ତିଆ ଓ ସୁଶାନ୍ତ ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର ନାଥ ବସ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଇଫ୍‌କୋ ଜ୍ୟୋତି ମହିଳା ସମିତି ପକ୍ଷରୁ ବାର୍ଷିକ ଫେଟେ



**ପାରାଦୀପ, ୨୫।୧୨।(ସମିସ):** ଇଫକୋ ଜ୍ୟୋତି ମହିଳା ସମିତି ପକ୍ଷରୁ ବାର୍ଷିକ ଫେଟେ ଅନୁଷ୍ଠିତ ହୋଇଯାଇଛି। ଇଫକୋ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚୀବ କେ. ମୁରୁଗୁସେନ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଇଫ୍‌କୋର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲ, କୋଷ୍ଟଗାର୍ଡ କମାଣ୍ଡର ଯଶୋବନ୍ତ କୁମାର ସିଂ, ଡ. ଭିନିତା ସିଂ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ଯନ୍ତ୍ରୀ ଇଂ. ବି.କେ. ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ, ଟେରାକୋଟା ନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଜ୍ୟୋତି ଲେଡିଜ୍ କ୍ଲବ ସଦସ୍ୟାମାନେ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଥିଲେ। ଏହି ଫେଟେରୁ ଆୟ ହୋଇଥିବା ଅର୍ଥରାଶି ପାରିପାର୍ଶ୍ୱିକ ଗ୍ରାମ ଗୁଡିକର ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲ ସୂଚନା ଦେଇଥିଲେ। ଏଥି ସହିତ ଜରାଶ୍ରମ ଗୁଡିକ ଉନ୍ନୟନରେ ସହାୟତା କରାଯିବା ନେଇ ସେ କହିଥିଲେ। ଏଥି ସହିତ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ବିକାଶ ନିମନ୍ତେ ତଥା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସିଲେଇ ମେସିନ, ପେପର ପ୍ଲେଟ୍ ନିର୍ମାଣ ଉପକରଣ ଆଦି ଯୋଗାଇ ଦେବାକୁ ଶ୍ରୀମତୀ ପଟେଲ କହିଛନ୍ତି।

# କବିତା ଆବୃତ୍ତି ପ୍ରତିଯୋଗିତା

**ପାରାଦୀପ, ୨୫।୧୨।(ସମିସ):** ନୂଆବଜାରସ୍ଥିତ ଅଟଳ ବିହାରୀ ବଜପେୟୀ ଟ୍ରଷ୍ଟ କାର୍ଯ୍ୟାଳୟରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସ ଓ ସମ୍ପାଦକ ଅରୁଣ ସ୍ୱାଇଁଙ୍କ ତତ୍ତ୍ୱାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାଇଲ ଶ୍ରୀ ମୁଗ୍ଧା, ପ୍ରୀତିପ୍ରଜ୍ଞା ଜେନା, ସୁହାନି ସୁଧୀର, ମୌସୁମୀ ପ୍ରଧାନ, ରାଣୀ ରାଉତ, ପ୍ରୀତିପ୍ରଜ୍ଞା ସାହାଣୀ, ତନୁଶ୍ରୀ ମୁର୍ମୁ, ଅର୍ଚ୍ଚିତା ମହାନ୍ତି, ତପସ୍ୱିନୀ ଦାସ, ବର୍ଷା ମାଥ, ଅର୍ପିତା ମିଶ୍ର, ପ୍ରିୟାଂଶୁ ରାଜେଶ୍ୱରୀ ପ୍ରମୁଖ କବିତା ପାଠ କରିଥିଲେ। କବି ପ୍ରଶାନ୍ତ ରାଉତ ଓ ନୃସିଂହ ଚରଣ ବାରିକ ପରିଦର୍ଶକ ଭାବେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ପ୍ରବନ୍ଧ, ଚିତ୍ରାଙ୍କନ ଓ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଆଦି ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ତ୍ରିନାଥ ଡ୍ରାଇଭର ସଂଘର କର୍ମକର୍ତ୍ତା ଚୟନ



**ପାରାଦୀପ, ୨୫।୧୨।(ସମିସ):** ପାରାଦୀପ ତ୍ରିନାଥ ଗାଡ଼ି ଚାଳକ ସଂଘର କର୍ମକର୍ତ୍ତା ଚୟନ ହୋଇଛନ୍ତି। ସଂଘର ପ୍ରତିଷ୍ଠାତା ଆଇନଜୀବୀ ସଞ୍ଜୟ ବେହେରା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଉପଦେଷ୍ଟା ରାଜୀବ ଦାସ, ସଂଘ ସଭାପତି ରମେଶ ଚନ୍ଦ୍ର ନାୟକ, ସମ୍ପାଦକ ମୁକୁନ୍ଦ ମହାନ୍ତି, କରୁଣାକର ସ୍ୱାଇଁ, ବସନ୍ତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ସାହୁ, ଗୋଲେଖ ସେଣ, ବିଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ମାର୍ଶାଘାଇ, ୨୫।୧୨(ସମିସ): ମାର୍ଶାଘାଇ ବ୍ଲକ ଆୟତପୁର ଗାନ୍ଧିଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠ ନୂଆ-ଓ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାପୀଠ ଅଧକ୍ଷ ପ୍ରତାପ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିସଦ ସଭ୍ୟ ପ୍ରମୋଦ ରଥ, ବାସୁଦେବ ସ୍ୱାଇଁ, ସରପଞ୍ଚ ସୁପ୍ରିୟା ସାମନ୍ତରାୟ, ପୂର୍ବତନ ସରପଞ୍ଚ ସୁକାନ୍ତ ସ୍ୱାଇଁ, ଆସୁତୋଷ ପାତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ ମେଜର ଭରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଚିନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଶୋକ ନାୟକ କାର୍ଯ୍ୟକ୍ରମ ପରିଚାଳନାକରିଥିଲେ। ଅଶୋକ ବରାଳ, ସୁରେନ୍ଦ୍ରନାଥ ଶତପଥୀ, ଗୌତମ ମଲ୍ଲିକ୍, ଭାଗବତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌କେ ଚାରିଟେବଲ ଟ୍ରଷ୍ଟର ଲୋକାର୍ପଣ




ରାଜକନିକା, ୨୫।୧୨(ସମିସ): ଏସ କେ ଚାରିଟେବୁଲ ଟ୍ରଷ୍ଟର ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିବ୍ୟାଙ୍ଗ ଶ୍ରୀଧର ବାରିକ, ସସ୍ମିତା ଓଝାଙ୍କ ଦ୍ୱାରା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ରାଜକନିକା ଥାନା ଅଧିକାରୀ ଦିଲୀପ ଧଳ, ପ୍ରସନ୍ନ ପରିଡ଼ା, ଡକ୍ଟର ଜିତେନ୍ଦ୍ର ରାଉତ, କପିଳ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କର ସଭା ପରିଚାଳନା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ସିଲୁ ସିଂ, ସଦସ୍ୟ ଦିଲୀପ ପରିଡ଼ା, ସରୋଜ ବେହେରା, ତପନ ପଣ୍ଡା, ରଜତ ଦାଶ, ସୁଭ୍ରଜିତ୍ ବିଶ୍ୱାଳ, ଦୀପକ ମଲ୍ଲିକ, ସ୍ୱୋରଜ୍ ଦାସ, ସୁଜିତ୍ ବେହେରା, ଦାଶରଥି ପରିଡ଼ା, ବନମାଳୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଜିତେନ୍ଦ୍ର ରାଉତ, ସନ୍ତୋଷ ନନ୍ଦ, ମିଥିଲେଶ କୁମାର, ଦେବଦତ୍ତ ମିଶ୍ର ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ ଔଷଧ ବିତରଣରେ ବିପିନି ବିହାରୀ ଭୂୟାଁ, ଜଗନ୍ ବେହେରା ସହଯୋଗ କରିଥିଲେ। ସ୍କୁଲ୍‌ସ୍ତରୀୟ ବିବିଧ ପ୍ରତିଯୋଗିତାରେ ବରାହ ଚରଣ ବିଶ୍ୱାଳ, ପ୍ରତାପ ଧଳ ବିଚାରକ ଥିଲେ।

# ଧାନକୁଦରେ ଯାଦବ ମହାସଭାର ପ୍ରସ୍ତୁତି ବୈଠକ

ବିରିଡି, ୨୫।୧୨।(ସମିସ): ଧାନକୁଦ ପଞ୍ଚଶଖା ଯାଦବ ସଭା କକ୍ଷରେ ଯାଦବ ମହାସଭାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ରଜନୀକାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂଗଠକ ସୁବାସ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ସାଧାରଣ ସମ୍ପାଦକ କାର୍ତ୍ତିକ ବେହେରାଙ୍କ ସମେତ ବିରିଡି ବ୍ଲକରୁ ଦେବେନ୍ଦ୍ର ଦାସ, ପ୍ରଭାକର ବେହେରା, ପର୍ଶୁରାମ ବେହେରା, ମଙ୍ଗରାଜ ପ୍ରଧାନ, ସୁଦର୍ଶନ ପ୍ରଧାନ, ଲକ୍ଷ୍ମୀଧର ଦାସ, ଶଙ୍କର ବେହେରା, ସୁବାସ ନାୟକ, ବସନ୍ତ ବେହେରା, ରାଜ କିଶୋର ବେହେରା, ମହେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



**ମାର୍ଶାଘାଇ, ୨୫।୧୨(ସମିସ):** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦିକା ତରୁଲତା ଦେବୀ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସିଡିପିଓ ଶୈଳବାଳା ଚାଷୀ, ଜିଲ୍ଲା ଶିକ୍ଷା ବିକାଶ ସମିତିର ସହ ପ୍ରମୁଖ ଦିନେଶ ଦେବନାଥ ପ୍ରମୁଖ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଅନାଦି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା ବାର୍ଷିକ ବିବରଣୀ ପାଠ କରିଥଲେ। ମାର୍ଶାଘାଇ ସଂକୁଳ ପ୍ରମୁଖ ରାଜେଶ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଗୁରୁମା ପୁଷ୍ପଲତା ରଥ, ଜ୍ୟୋସ୍ନାମୟୀ ଦାସ, ଅର୍ଚ୍ଚନା ନାୟକ, ଚିନ୍ମୟୀ ଦାସ, ବର୍ଷା ସ୍ୱାଇଁ, ସିଲା ପ୍ରଧାନ, ସରିତା ସାହୁ, ରୀତାଞ୍ଜଳି ସ୍ୱାଇଁ, ଉମେଶ ପାତ୍ର, ଅଶୋକ ମଲିକ, ଯୋଗେନ୍ଦ୍ର ପ୍ରଧାନ, କାର୍ତ୍ତିକ ବେହେରା, ବିଭୂରଞ୍ଜନ ରଥ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିଟ୍ ପରୀକ୍ଷାରେ ସଫଳତା ପାଇଥିବା ପ୍ରାକ୍ତନ ଛାତ୍ରୀ ଏଲିନା ପ୍ରିୟମ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବଡ଼ପଲ୍ଲୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

**ରାଜନଗର, ୨୫।୧୨(ସମିସ):** କୋଇଲିପୁର ପଞ୍ଚାୟତ ବଡପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ଅଧ୍ୟାପକ ଶଶଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅକ୍ଷୟ ନାୟକ, ପ୍ରଭାକର ପ୍ରଧାନ, ବାମନ ଚରଣ ନାୟକ, ସର୍ବେଶ୍ୱର ନାୟକ, ନୃସିଂହ ଚରଣ ମଲ୍ଲ, ପିତାମ୍ବର ରାଉତ, ଗୋଲେଖ ରାଉତ, ନିଗମାନନ୍ଦ ଜେନା, ସୁରେନ୍ଦ୍ର ବଳ, ବିଜୟ କେତନ ମିଶ୍ର, ତପନ ପରିଡ଼ା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁଧାଂଶୁବାଳା ଷଡଙ୍ଗୀ, ସୁବାଷ ଚନ୍ଦ୍ର ପ୍ରଧାନ, ଉମାକାନ୍ତ ବଳ, ଅନିରୁଦ୍ଧ ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ସହଦେବ ନାୟକ, ଅଶୋକ ପ୍ରତିହାରୀ, ମନୋରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ବଳ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ପ୍ରାକ୍ତନ ଛାତ୍ରମାନେ ଯୋଗଦେଇ ହୀରକ ଜୟନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ। ଉମାକାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ।



# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ପାରାଦୀପ, ୨୫।୧୨।(ସମିସ):** ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୨ ବ୍ୟାଚ୍‌ର ଏକ ବନ୍ଧୁମିଳନ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପରିବାର ସହିତ ଯୋଗ ଦେଇଥିଲେ। ପ୍ରଶାନ୍ତ ଲେଙ୍କା, ଆଲୋକ ଲେଙ୍କା, ସତ୍ୟଜିତ ରଥ, ଦୀପକ ଖୁଣ୍ଟିଆ, ମନୋଜ ସ୍ୱାଇଁ, ସନ୍ଦୀପ କର, ଅଶୋକ ହୋତା, ମନୋଜ ସ୍ୱାଇଁ, ଅନିଲ ନାୟକ, ଏଲିନା ରାଉତ, ଜ୍ୟୋତ୍ସ୍ନାରାଣୀ ରାୟଗୁରୁ, ନିର୍ଝରଶ୍ରୀ ନିବେଦିତା, ମୂର୍ଚ୍ଛନା ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଅଣ୍ଡରା ଶ୍ରୀରାମ ମନ୍ଦିରରେ ଗୀତାଜ୍ଞାନ ଯଜ୍ଞ



**ପଟ୍ଟାମୁଣ୍ଡାଇ, ୨୫।୧୨(ସମିସ):** ଅଣ୍ଡରା ଶ୍ରୀରାମ ସେବକ ସଂଘ ଆନୁକୂଲ୍ୟରେ ଗୀତା ଜୟନ୍ତୀ ଅବସରରେ ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ପଣ୍ଡିତ ପ୍ରଦୀପ ପାଢ଼ୀ, ପଣ୍ଡିତ ଗଣେଶ ଚନ୍ଦ୍ର ଶତପଥୀ, ପଣ୍ଡିତ ମାନସ ରଞ୍ଜନ ମିଶ୍ର ଓ ପଣ୍ଡିତ ସଞ୍ଜୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମାପନ କରାଯାଇ ଥିଲା। କଳ୍ପତରୁ ବାବା ପ୍ରବଚନ ଦେଇଥିଲେ। ସୁରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ମାର୍ଶାଘାଇ, ୨୫।୧୨(ସମିସ):**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୩୮ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ବିଦ୍ୟାଳୟମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୨୦ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିଳିପୁର ମଣି ନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ସାହାଣୀ, ପୁଷ୍ପଲତା ପାଣି, ଗାୟତ୍ରୀ ବେହେରା, ସୁଜାତା ସାହୁ, ପ୍ରିୟଦର୍ଶିନୀ ଦାସ, ଶିକ୍ଷକ ମନୋଜ ସେଠୀ, ପ୍ରଦୀପ ତ୍ରିପାଠୀ, ସଂଗ୍ରାମ ଦଳାଇ, ଦେବାଶିଷ ରଣା, ହାଡ଼ିବନ୍ଧୁସେଠୀ ପ୍ରମୁଖ ଖେଳ ପରିଚଳନାରେ ସହଯୋଗ କରିଥିଲେ। ୯ମ ଶ୍ରେଣୀ ଛାତ୍ର ଅନୁପ ସାହୁ, ବାଳିକା ବିଭାଗରେ ୧୦ମ ଶ୍ରେଣୀ ଛାତ୍ରୀ ଅଙ୍କିତା ମହାପାତ୍ରଙ୍କୁ ଚାମ୍ପିଅନ ଘୋଷଣା କରାଯାଇଥିଲା। ସ୍ୱାଗତିକା ଦାସ, ନବଘନ ବେହେରା, କଳ୍ପତରୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ଡେରାବିଶ, ୨୫।୧୨(ସମିସ):** ଦାନପୁର ପଞ୍ଚାୟତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଡିଏସ୍‌ପି ଶାନ୍ତା ନୂତନ ସମାଦ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ପ୍ରମୋଦ ପ୍ରତାପ ଏବଂ ସମ୍ମାନିତ ଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟର କ୍ୟାମ୍ପସ-୧ ଓ -୨ର ଅଧକ୍ଷ ନିଶିକାନ୍ତ ମହାନ୍ତି ଓ କ୍ୟାମ୍ପସ-୩ ଓ -୪ର ଅଧକ୍ଷ ଅନିଲ ଦାଶ, ବିଦ୍ୟାଳୟ ହିସାବ ରକ୍ଷକ ଜଗବନ୍ଧୁ ସାହୁ ଓ ସ୍ଥାନୀୟ ଆଞ୍ଚଳିକ ସାଧ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଯୋଗ ଦେଇଥିଲେ। ଚେୟାରମ୍ୟାନ୍ ମନୋଜ ପ୍ରଧାନ ସଭାପତିତ୍ୱ କରିଥିଲେ।ଶିକ୍ଷକ ଚିତରଞ୍ଜନ ସାମଲ ଓ ଶିକ୍ଷୟିତ୍ରୀ ଶୁଭ୍ରଜ୍ୟୋତି ମିଶ୍ର ସଂଯୋଜନା କରିଥିଲେ। ଶିକ୍ଷକ ଅବିନାଶ ପଲାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ତିର୍ତ୍ତୋଲ, ୨୫।୧୨(ସମିସ):** ଦଶମାଣକୂଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରର ବାର୍ଷିକ ଅନୁଷ୍ଠିତ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିମୂଳ ବାୟା ଅବଧୂତ ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ଲେଙ୍କା ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ମହାନ୍ତି ଅଧକ୍ଷତା କରିଥଲେ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଅରୁଣୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଅମିତ ସାହୁ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ପଫୁଲ୍ଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ତ୍ରିଲୋଚନ ଆଚାର୍ଯ୍ୟ ବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ। ଗୋଲୋକ ବିହାରୀ ହୋତା, ଆରତୀ ତ୍ରିପାଠୀ, ଜିତେନ୍ଦ୍ର ମଲ୍ଲିକ, ରଞ୍ଜିତ କୁମାର ପାଲ, ଜ୍ୟୋତିଶଙ୍କର ମହାପାତ୍ର, ନିରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।



